



ପିଏମ୍ କିଷାନ ଉତ୍ସବ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ବହୁଚର୍ଚ୍ଚିତ ଗୋଳନ୍ଥରା ହତ୍ୟା ମାମଲା

## ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ କାଏମ

କଟକ, (ସବ୍ୟୁ): ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ଶ୍ରରାମନଗରରେ ଘଟିଥିବା ବହୁଚର୍ଚ୍ଚିତ ହତ୍ୟା ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଅଭିଯୁକ୍ତଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମପୁର ସେସନ୍ସ କୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ଦଣ୍ଡାଦେଶକୁ କାଏମ ରଖିଛନ୍ତି। ଏଥିସହ ଜାମିନରେ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ଜେଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୭ ଜୁଲାଇ ୫ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଶ୍ରୀରାମନଗୀରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରକାଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ କରି ପ୍ରକାଶଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣେ ବ୍ୟକ୍ତି (ନୁନୁ ପୂଜାରୀ)ଙ୍କୁ ମଧ୍ୟ ଗୁରୁତର ଆହତ କରିଥିଲେ। ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ତିକ୍ତତା ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିଲା। ବ୍ରହ୍ମପୁର ସେସନ୍ସ କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତ ରମେୟା ସେଠୀ, କୈଳାସ ଘଡ଼େଇ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଅପିଲ କରିଥିଲେ। ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ସାକ୍ଷୀମାନଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟରୁ ସ୍ପଷ୍ଟ ଜଣାପଡୁଛି ଯେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ଆହତ ସାକ୍ଷୀଙ୍କ ବୟାନକୁ ଅଦାଲତ ଗୁରୁତ୍ୱ ପ୍ରଦାନ କରିଛନ୍ତି। ହାଇକୋର୍ଟ ନିମ୍ନ ଅଦାଲତଙ୍କ ନିଷ୍ପତ୍ତିରେ କୌଣସି ତ୍ରୁଟି ନାହିଁ ବୋଲି କହିଛନ୍ତି।

### ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା : ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ

## ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି ୨୫ଜଣ ବରପୁତ୍ର

ଭୁବନେଶ୍ୱର , (ସବ୍ୟୁ): ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରୀ ନିମନ୍ତେ ଗଠିତ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ଏଥିସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ବାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ପ୍ରଥମ ପର୍ଯ୍ୟାୟରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୨୫ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମ ସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୫ଜଣ ବରପୁତ୍ରମାନଙ୍କ ଗ୍ରାମର ବିକାଶ ପାଇଁ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ସହିଦ ଲକ୍ଷ୍ମଣ ନାୟକ, ପୁରୀ ଜିଲ୍ଲାର ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପଣ୍ଡିତ ନୀଳକଣ୍ଠ ଦାସ, ଲକ୍ଷ୍ମୀ ଇନ୍ଦିରା ପଣ୍ଡା, ସହିଦ ରେଣ୍ଡୋ ମାଝୀ, ମା ରମାଦେବୀ ଓ କର୍ମବୀର ଗୌରୀଶଙ୍କର, ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ସେନାପତି, ଗଞ୍ଜାମ ଜିଲ୍ଲାର ଚକରା ବିଶୋଇ ଓ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ସହିଦ ବାଜି ରାଉତ, ଗଜପତି ଜିଲ୍ଲାର କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଓ ପଣ୍ଡିତ ରଘୁନାଥ ମୁର୍ମୁ, ଖୋର୍ଦ୍ଧା ଜିଲ୍ଲାର ଗୋଦାବରୀଶ ମିଶ୍ର, ବୀର ସୁରେନ୍ଦ୍ର ସାଏ, ଗଙ୍ଗାଧର ମେହେର ଓ ସହିଦ ମାଧୋ ସିଂ, ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଡ଼. ହରେକୃଷ୍ଣ ମହତାବ, ବିପ୍ଳବୀ ଧରଣୀଧର ଭୂୟାଁ, ସହିଦ ଧରମ ସିଂ ମାଝୀ ମାନ୍ଧାତା ଆଦିଙ୍କ ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇଛି।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ

କଟକ, (ସବ୍ୟୁ ) : ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏସନ୍‌ର ଦୁଇ ଜଣ କର୍ମକର୍ତ୍ତାଙ୍କ ବିରୋଧରେ ବୃତ୍ତିଗତ ଅସଦାଚରଣ ଅଭିଯୋଗରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଏହି ଦୁଇ କର୍ମକର୍ତ୍ତା ଏକ ସିଭିଲ୍ ସୁଟ୍‌ରେ ରାଜ୍ୟ ଆଇନଜୀବୀ ପରିଷଦର ଦୁଇ ଜଣ ବରିଷ୍ଠ ସଦସ୍ୟଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିବା ସହ ନିନ୍ଦନୀୟ ଓ ଆଧାରହୀନ ଆକ୍ଷେପ କରିଥିଲେ। ଏହା ବୃତ୍ତିଗତ ଆଚରଣ ବିଧିର ଉଲ୍ଲଙ୍ଘନ କରୁଥିବାରୁ ପରିଷଦର ଅନୁଶାସନ କମିଟି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯିବ ନାହିଁ, ସେ ନେଇ ଜବାବ ମାଗିଛନ୍ତି।

### ଅପରେସନ ସାଇବର କବଚ

## ଦୁଇ ଗିରଫ, କୋଟି କୋଟି ଟଙ୍କା କାରବାରର ପର୍ଦ୍ଦାଫାସ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ବ୍ୟାପୀ ଅପରେସନ ସାଇବର କବଚ ଜାରି ରହିଥିବା ବେଳେ ବେନାମୀ ଆକାଉଣ୍ଟରେ ସାଇବର ଠକେଇ ଟଙ୍କା କାରବାରକୁ ନେଇ ନୂଆପଲ୍ଲୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ପୋଲିସ ସନ୍ଦିଗ୍ଧ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ପାଇଥିବା ବୈଷୟିକ ସୂଚନାକୁ ବିଶ୍ଳେଷଣ କରିବା ପରେ କୋଟି କୋଟି ଟଙ୍କା ସାଇବର ଠକେଇ ଟଙ୍କା କାରବାର ହୋଇଥିବା ଜଣାପଡିଛି । ଭୁବନେଶ୍ୱରରେ ସନ୍ଦିଗ୍ଧ ଆକାଉଣ୍ଟଧାରୀଙ୍କୁ ଯାଞ୍ଚ କରିବା ପରେ ସାଇବର ଠକେଇ ସମ୍ପର୍କରେ ବହୁ ରହସ୍ୟ ଉନ୍ମୋଚନ ହେଉଛି । ବୈଷୟିକ ଯାଞ୍ଚ ସମୟରେ ପୋଲିସ ପାରସ କରଙ୍କୁ ଠାବ କରିଥିଲା । ଯାହାଙ୍କର ଆକ୍ସିସ ବ୍ୟାଙ୍କ ଆକାଉଣ୍ଟ ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ ଓ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି)ରେ ରିପୋର୍ଟ ହୋଇଥିବା ବହୁ ସାଇବର ଅଭିଯୋଗ ସହିତ ଜଡିତ ଥିବା ଜଣାପଡିଥିଲା । ତଦନ୍ତରୁ ଜଣାପଡିଛି ଯେ, ଏହି ଆକାଉଣ୍ଟରେ ସାଇବର ଠକେଇ ସମ୍ବନ୍ଧୀୟ ମୋଟ ୨,୩୫,୩୧,୯୩୬.୧୫ ଟଙ୍କା କାରବାର ହୋଇଥିଲା । ଯେଉଁଥିରୁ ୨,୧୩,୧୮, ୭୧୮.୪୪ ଟଙ୍କା ପୂର୍ବରୁ ଉଠାଯାଇଥିଲା । ଅବଶିଷ୍ଟ ୨୧,୫୨,୧୫୯.୯୧ ଟଙ୍କା ରହିଥିଲା । ବିଭିନ୍ନ ରାଜ୍ୟର ଅନେକ ଥାନା ପୂର୍ବରୁ ଏହି ଆକାଉଣ୍ଟରେ ଲିଏନ୍ ତଥା ହୋଲ୍ଡ ଚିହ୍ନିତ କରିଥିବା ମଧ୍ୟ ଜଣାପଡିଛି ।

ପଚରାଉଚରା ସମୟରେ ପାରସ କର କହିଥିଲେ ଯେ, ଅସୀମ କୁମାର ସାହୁଙ୍କ କଥାରେ ପଡି ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ପରେ ହ୍ୱାଟ୍‌ସଆପ୍ ମାଧ୍ୟମରେ ତାଙ୍କ ସହିତ ଇଣ୍ଟରନେଟ୍ ବ୍ୟାଙ୍କିଂ,ୟୁଜର ଆଇଡି ଓ ପାସ୍‌ୱାର୍ଡ ସେୟାର କରିଥିଲେ । ଅସୀମ କୁମାର ସାହୁ ଏହି ଆକାଉଣ୍ଟ ପରିଚାଳନା ପାଇଁ ଚିଣ୍ଟୁ ନାମକ ଅନ୍ୟ ଜଣେ ସହଯୋଗୀକୁ ଇଣ୍ଟରନେଟ୍ ବ୍ୟାଙ୍କିଂ ପ୍ରମାଣପତ୍ର ଦେଇଥିଲେ । ଅଭିଯୁକ୍ତମାନେ ଜାଣିଶୁଣି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଅପରାଧୀଙ୍କ ଦ୍ୱାରା ଅନ୍‌ଲାଇନ୍‌ରେ ଠକେଇ ଟଙ୍କା ସ୍ଥାନାନ୍ତର ଓ ଉଠାଣ ପାଇଁ ବ୍ୟବହାର କରାଯିବ ବୋଲି ଜାଣିନଥିଲେ । ଅଭିଯୁକ୍ତମାନେ ସାଇବର ଅପରାଧର ଆୟକୁ ଚାନେଲ କରିବା ପାଇଁ ଏକ ସାଇବର ଠକେଇ ସିଣ୍ଡିକେଟ୍ ଦ୍ୱାରା ବ୍ୟବହୃତ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନାରେ ସକ୍ରିୟ ଭାବେ ଜଡିତ ଥିଲେ । ଯାହାଦ୍ୱାରା ନିରୀହ ନାଗରିକମାନଙ୍କୁ ଠକାମୀ କରାଯାଇ ସାମାଜିକ ଓ ଆର୍ଥିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଯାଉଥିଲା । ଆକାଉଣ୍ଟ ବ୍ୟବହାରକୁ ସହଜ କରିବା ପାଇଁ ପାରସ କର ୭୦ ହଜାର ଟଙ୍କା ଏବଂ ଅସିମ କୁମାର ସାହୁ ୩୫ ହଜାର ଟଙ୍କା କମିଶନ ପାଇଥିବା ଜଣାପଡିବା ପରେ ଦୁହିଁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କଲା ।

# ବିଧାନସଭା



## ଷଣ୍ଢଙ୍କ ଯୋଗୁ ଦୁର୍ଘଟଣା ବଢୁଛି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଗାଈ ଗୋରୁ ବୁଲୁଛନ୍ତି ପଦାରେ । ଲୋକମାନେ ଘରେ ନବାନ୍ଧି ବାହାରକୁ ଛାଡୁଛନ୍ତି । ଫଳରେ ମାଈ ବାଛୁରୀ ସହିତ ଅଣ୍ଡିରା ବାଛୁରୀଙ୍କ ସଂଖ୍ୟା ବଢୁଛି । ଅଣ୍ଡିରା ବାଛୁରୀମାନଙ୍କ ନସବନ୍ଦୀ ନହେବା କାରଣରୁ ସେମାନେ ଷ,, ହୋଇଯାଉଛନ୍ତି । ଫଳରେ ଷ,, ସଂଖ୍ୟା ବୃଦ୍ଧି ଯୋଗୁ ଦୁର୍ଘଟଣା ଘଟୁଛି । ଷଣ୍ଢ ଲଢ଼େଇରେ ସାଧାରଣ ଲୋକେ ମୃତାହତ ହେଉଛନ୍ତି । ଏଥିସହ ଷଣ୍ଢମାନେ ମଧ୍ୟ ଚାଷୀଙ୍କ ଫସଲ ଉଜାଡୁଛନ୍ତି । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଶୂନ୍ୟକାଳରେ ବିଜେପି ବିଧାୟକ ବିଭୂତି ଭୂଷଣ ପ୍ରଧାନ ଦାବି କରିଛନ୍ତି ।

## ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଦେବ ନୂଆ ଗତି ଓ ଶକ୍ତି : ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶରେ ଏହି ବଜେଟ୍ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ । ଏହି କ୍ଷେତ୍ରକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ପାଇଁ ୨୦୨୬-୨୭ ବଜେଟ୍ ନୂଆ ଗତି ଓ ଶକ୍ତି ଦେବ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।

ଆଜି ବିଧାନସଭା ସମ୍ମିଳନୀ କକ୍ଷଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏମ୍‌ଏସ୍‌ଏମ୍‌ଇ ବଜେଟ୍ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରି ସେ କହିଛନ୍ତି, ନିଯୁକ୍ତି, ରୋଜଗାର, ଆର୍ଥିକ ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ । ୨୦୨୬-୨୭ ବର୍ଷ ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗର ୭୬୨,୭୮,୩୬,୦୦୦ କୋଟି ଟଙ୍କା ବଜେଟ୍ ବିଧାନସଭାରେ ପାରିତ ହୋଇଛି । କୃଷି ପରେ ଏମ୍‌ଏସ୍‌ଏମ୍‌ଇ ହେଉଛି ସବୁଠାରୁ ବଡ ନିଯୁକ୍ତି କ୍ଷେତ୍ର । ରାଜ୍ୟ ଉଦ୍ୟମ ପୋର୍ଟାଲରେ ମୋଟ ୧୪,୦୩,୨୦୦ କ୍ଷୁଦ୍ର, ମଧ୍ୟମ ଏବଂ ମଧ୍ୟମ ଉଦ୍ୟୋଗ ପଞ୍ଜିକୃତ ହୋଇଛି । ଛୋଟ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ ସହଜ ଋଣ ସୁବିଧା, ପୁଞ୍ଜି ସବସିଡି, ରପ୍ତାନି ପ୍ରୋତ୍ସାହନ ଓ ଟେକ୍ନୋଲୋଜି ଅପଗ୍ରେଡେସନ୍ ପରି ଅନେକ ପଦକ୍ଷେପ ନିଆଯାଉଛି । ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯାଉଥିବା ଓ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବାକୁ ଷ୍ଟାର୍ଟଅପ୍ ଯୋଜନାରେ ବିଶେଷ ଧ୍ୟାନ ଦିଆଯାଉଛି । ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଭିତ୍ତିକ ବିକାଶ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି ।

### ଶିଳ୍ପ, ଏମ୍‌ଏମ୍‌ଏମ୍‌ଇ ବିଭାଗର ଖର୍ଚ୍ଚଦାବି ପାରିତ

## ଏମ୍‌ଓୟୁ କରି ମୁହଁ ଫେରାଇଛନ୍ତି ବଡ଼ବଡ଼ ଶିଳ୍ପ

ଭୁବନେଶ୍ୱର, (ସବ୍ୟୁ) : ଶିଳ୍ପ ବିଭାଗର ୧୫୧୭ କୋଟି ୪୯ ଲକ୍ଷ ୯୨ ହଜାର ଟଙ୍କା ଖର୍ଚ୍ଚ ଦାବି ଅନୁଦାନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗର ୭୬୨ କୋଟି ୭୮ ଲକ୍ଷ ୩୬ ହଜାର ଟଙ୍କା ଖର୍ଚ୍ଚ ଦାବି ଗୃହୀତ ହୋଇଛି । ବିଭାଗୀୟ ମନ୍ତ୍ରୀ ଉଭୟ ଖର୍ଚ୍ଚ ଦାବି ଆଗତ କରିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରିଛନ୍ତି ।

ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଥିଲେ, ୨୦୦୦ ମସିହାରେ ଦରମା ଦେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅର୍ଥ ନଥିଲା । ରାଜ୍ୟ ବଜେଟ୍‌ର ୮୦% ଅର୍ଥ ଦରମାରେ ଯାଉଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଆସିବା ପରେ ବଜେଟ୍‌ରେ ଅର୍ଥ ପରିମାଣ ବୃଦ୍ଧି ଘଟିଥିଲା । ଫଳରେ ଦରମା ଦେବାରେ ଆଉ ସମସ୍ୟା ନାହିଁ ।

ନୂତନ ସରକାରଙ୍କ ଦ୍ୱିତୀୟ ବର୍ଷର ଏହା ହେଉଛି ତୃତୀୟ ବଜେଟ୍ । ସରକାର କହୁଛନ୍ତି ୨୪ ବର୍ଷ ସରକାର ଥିଲା ଏବେ ୨ବର୍ଷ ହେଲା ଆସିଛୁ । ଦୁଇବର୍ଷ ସରିଗଲା କିଛି କରିନାହାନ୍ତି ଏବର ସରକାର । ପୂର୍ବ ସରକାରର ବିଭିନ୍ନ ପଲିସିକୁ ନୂତନ ଯୋଜନା ଭାବେ ଦର୍ଶାଉଛନ୍ତି ବିଜେପି ସରକାର । ବିଜେପି ସରକାର ଏବେ ଦ୍ୱନ୍ଦ ସୃଷ୍ଟି କରୁଛନ୍ତି । ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ଶିଳ୍ପ ନୀତି ଅସ୍ତିତ୍ୱ ତଳକୁ ଖସିଛି । ଏହି ସରକାର ବେକାରୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି । ଆର୍‌ସେଲ ମିତ୍ତଲ ଓ ନିପନ୍ ଷ୍ଟିଲ ଭଳି ବୃହତ କମ୍ପାନୀ ଏମ୍‌ଓୟୁ କରି ଆନ୍ଧ୍ରକୁ ପଳାଇଲେ । ଫଳରେ ୧.୫ ଲକ୍ଷ କୋଟି ପୁଞ୍ଜି ନିବେଶ ହରାଇଲା ରାଜ୍ୟ । ପୂର୍ବ ସରକାର ଅମଳରେ ବହୁ ଏମ୍‌ଓୟୁ ହୋଇଥିଲା । ଏବେ ସେହି ପ୍ରକଳ୍ପଗୁଡ଼ିକ ଅନ୍ୟ ରାଜ୍ୟକୁ ପଳାଇଛନ୍ତି । ସବୁ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି । ସେହିପରି ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ସହିତ ଏକ ବୃହତ ପ୍ରକଳ୍ପ ଲାଗି ପୂର୍ବ ସରକାର ଏମ୍‌ଓୟୁ କରିଥିଲେ । ଜମି ନଦେବାରୁ ମହାରାଷ୍ଟ୍ରର ଔରଙ୍ଗାବାଦକୁ ସେହି ପ୍ରକଳ୍ପ ପଳାଇଲେ । ଏହା ଡବଲ୍ ଇଞ୍ଜିନ ସରକାରର ଡବଲ ବିଫଳ ।

### ରାଜ୍ୟରେ ଶିଳ୍ପର ବିକାଶ ହୋଇପାରିନି : କଂଗ୍ରେସ

### ଶିଳ୍ପାୟନ ହେଲେ ସାମଗ୍ରିକ ବିକାଶ ହେବ : ବିଜେପି

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆମ ରାଜ୍ୟରେ ଖଣି ଖାଦାନଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ସମ୍ପଦରେ ଭରପୂର । ଯେଉଁଠି ଖୋଳିଲେ କୋଇଲା, କ୍ରୋମାଇଟ, ଲୁହା, ବକ୍ସାଇଟ୍ ବାହାରୁଛି । ତେବେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ସେଭଳି ବିକାଶ ହୋଇନାହିଁ । ଓଡ଼ିଶାରେ ମାନୁଫାକଚରିଙ୍ଗ ହବ୍‌ର ଆବଶ୍ୟକତା ରହିଛି । ବଡ଼ବଡ଼ କମ୍ପାନୀ ଶିଳ୍ପ ବସାଇବାକୁ ଓଡ଼ିଶା ଆସିଥିଲେ, ସରକାର ଜମି ନଦେବାରୁ ସେମାନେ ଚାଲିଗଲେ । ପୋସ୍କୋଠାରୁ ଆରମ୍ଭ କରି ମିତ୍ତଲ ଭଳି ବଡ଼ ଶିଳ୍ପ ଓଡ଼ିଶା ସରକାରଙ୍କ ସହ ଏମ୍‌ଓୟୁ କରି ଫେରିଯାଇଛନ୍ତି । ଦୁଇବର୍ଷ ମଧ୍ୟରେ ଏବର ସରକାର କିଛି କରିନାହାନ୍ତି ବୋଲି ଶ୍ରୀ ବାହିନୀପତି କହିଥିଲେ ।

ବିଜେପି ବିଧାୟକ ଈରାଶିଷ ଆଚାର୍ଯ୍ୟ କହିଥିଲେ, ଶିଳ୍ପାୟନ ହେଲେ ସାମଗ୍ରିକ ବିକାଶ ହେବ । ଏଦିଗରେ ମୋହନ ସରକାର ବହୁ ଗୁରୁତ୍ୱ ଦେବା ସହିତ ଏମ୍‌ଏସ୍‌ଏମ୍‌ଇ ସମେତ କ୍ଷୁଦ୍ର ଏବଂ କୁଟୀର ଶିଳ୍ପ ପାଇଁ ବଜେଟ୍‌ରେ ଅଧିକ ପାଣ୍ଠି ବ୍ୟବସ୍ଥା କରିଛନ୍ତି । ବିଭିନ୍ନ ଶିଳ୍ପାୟନ ଓ ବିଦେଶୀ ପୁଞ୍ଜି ନିବେଶ ଯୋଗୁ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଥାଏ । ଓଡ଼ିଶାକୁ ଏକ ଆଇଟି ହବ୍ କରିବା ଦିଗରେ ମୁଖ୍ୟମନ୍ତ୍ରୀ ବିଦେଶୀ ପୁଞ୍ଜି ନିବେଶକମାନଙ୍କ ସହିତ ଅନେକ ଏମ୍‌ଓୟୁ କରିଛନ୍ତି । ଆଲୋଚନାରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ତୁଷାରକାନ୍ତି ବେହେରା, ଦୁଷ୍ମନ୍ତ କୁମାର ସ୍ୱାଇଁ, ପ୍ରତାପ କେଶରୀ ଦେଓ, ଧ୍ରୁବଚରଣ ସାହୁ, ମାନସ କୁମାର ଦତ୍ତ, ପ୍ରତାପ ଚନ୍ଦ୍ର ନାୟକ, ରଘୁନାଥ ଜଗଦଲା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ସାମାଜିକ ଗଣମାଧ୍ୟମଠୁ ଦୂରେଇ ରୁହନ୍ତୁ ଛୋଟ ପିଲା

ଭୁବନେଶ୍ୱର, (ସବ୍ୟୁ) : ସାମାଜିକ ଗଣମାଧ୍ୟମଠାରୁ ପିଲାମାନଙ୍କୁ ଦୂରେଇ ରଖନ୍ତୁ । ଦେଶରେ ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ପିଲାମାନଙ୍କ ଉପରେ କୁପ୍ରଭାବ ପକାଉଛି । ଇରାନ, ଚାଇନା, ଅଷ୍ଟ୍ରେଲିଆ, ଡେନ୍‌ମାର୍କ, ଫ୍ରାନ୍ସ ଭଳି ଦେଶ ସାମାଜିକ ଗଣମାଧ୍ୟମ ଉପରେ ରୋକ ଲଗାଇଛନ୍ତି । କେଉଁଠି ଫେସ୍‌ବୁକ୍ ବ୍ୟାନ୍ ହେଉଛି ତ ଆଉ କେଉଁଠି ରିଲ୍ସ ବନ୍ଦ ହୋଇଛି । ଆମ ଦେଶ ପାଇଁ ଏ ଦିଗରେ ସ୍ୱତନ୍ତ୍ର ଆଇନ ଆଣି ସାମାଜିକ ଗଣମାଧ୍ୟମଠାରୁ ପିଲାମାନଙ୍କୁ ଦୂରେଇ ରଖାଯାଉ ବୋଲି ଶୂନ୍ୟକାଳରେ କହିଛନ୍ତି ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା ।

ସେ କହିଛନ୍ତି, ଇରାନରେ ଟଇଟର ବା ଏକ୍ସକୁ ବ୍ୟାନ୍ କରାଯାଇଛି । ଇରାନ ଓ ଚାଇନାରେ ୧୮ ବର୍ଷରୁ କମ ପିଲାଙ୍କୁ ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରଖାଯାଇଛି । ଅଷ୍ଟ୍ରେଲିଆରେ ବି ୧୮ ବର୍ଷରୁ କମ ପିଲାମାନଙ୍କ ପାଇଁ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗୁ ହୋଇଛି । ଡେନ୍‌ମାର୍କ, ଫ୍ରାନ୍ସ ଓ ରୁଷ୍‌ରେ ଫେସ୍‌ବୁକ ବ୍ୟାନ୍ କରାଯାଇଛି । ଚାଇନା ମୋବାଇଲରେ ଏଭଳି ବ୍ୟବସ୍ଥା କରିଛି ଯେ ୧୮ ବର୍ଷରୁ କମ ପିଲାମାନେ ମୋବାଇଲ ଆକ୍ସେସ୍ କରିପାରିବେ ନାହିଁ । ସାମାଜିକ ଗଣମାଧ୍ୟମର କୁପ୍ରଭାବ ପଡୁଛି । ସରକାର ଏହା ଉପରେ ଏକ ନିୟମ ଆଣନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ ।

## ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନାକୁ ସୁଦୃଢ଼ କରିବ : ମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶିଳ୍ପ ବିଭାଗର ବଜେଟ୍ ପାରିତ ହୋଇଛି । ଏହା ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକର୍ଷିତ କରିବା ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି । ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି । ଶିଳ୍ପ ନିୟାମକ ପ୍ରକ୍ରିୟାରେ ଓଡିଶାର ସଂସ୍କାରକୁ ଜାତୀୟସ୍ତରରେ ବଡ଼ ସ୍ୱୀକୃତି ମିଳିଛି । ଭାରତ ସରକାରଙ୍କ ଶିଳ୍ପ ଏବଂ ଆନ୍ତରିକ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ପ୍ରକାଶିତ ବିଜନେସ୍ ରିଫର୍ମ ଆକ୍ସନ୍ ପ୍ଲାନ୍‌ରେ ଓଡ଼ିଶାକୁ ଟପ୍ ଆଚିଭର୍ ମାନ୍ୟତା ଦିଆଯାଇଛି । ରାଜ୍ୟ ସରକାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଶିଳ୍ପାଞ୍ଚଳର ବିକାଶ, ଶିଳ୍ପ କରିଡର ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପାର୍କଗୁଡିକର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ନୂତନ ଫୁଡ୍ ପାର୍କ ନିର୍ମାଣ, ଖୋର୍ଦ୍ଧାରେ ଟେକ୍ସଟାଇଲ୍ ପାର୍କର ବିକାଶ, ଅନୁଗୁଳରେ ଆଲୁମିନିୟମ୍ ପାର୍କ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ସମ୍ପ୍ରସାରଣ କରାଯାଉଛି । ଏହି ସବୁ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟରେ ଅନୁସଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଉତ୍ପାଦନର ସମ୍ପୂର୍ଣ୍ଣ ପ୍ରକ୍ରିୟା ବା ଭାଲ୍ୟୁ-ଚେନକୁ ଅଧିକ ଶକ୍ତିଶାଳୀ କରିବା । ରାଜ୍ୟ ସରକାର ଶିଳ୍ପ ଶ୍ରମିକମାନଙ୍କୁ ସହାୟତା ଏବଂ ଶିଳ୍ପ ସମ୍ପ୍ରସାରଣ ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଶିଳ୍ପ କ୍ଲଷ୍ଟରଗୁଡ଼ିକ ନିକଟରେ ଶିଳ୍ପ ଟାଉନସିପ୍ ଏବଂ ଶ୍ରମିକ ହଷ୍ଟେଲ ବିକାଶ ମାଧ୍ୟମରେ ଶ୍ରମିକ କଲ୍ୟାଣ ତଥା ଶିଳ୍ପ ସହରୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଶିଳ୍ପଗୁଡ଼ିକୁ ସହାୟତା ପ୍ରଦାନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଶିଳ୍ପ ନୀତି ପ୍ରସ୍ତାବ୨୦୨୨ ଅଧୀନରେ ଏସଜିଏସଟି ଫେରସ୍ତ, ବିଦ୍ୟୁତ ଶୁଳ୍କ ଛାଡ଼, ପୁଞ୍ଜିନିବେଶ ସବସିଡି, ନିଯୁକ୍ତି ଖର୍ଚ୍ଚ ସବସିଡି ଏବଂ ଷ୍ଟାମ୍ପ ଡ୍ୟୁଟି ଛାଡ଼ ଭଳି ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ଜାରି ରଖିଛନ୍ତି ।

## ରାୟଗଡାରେ ବନ୍ଧୁକ ଦେଖାଇ ଆକ୍ରମଣ ସହ ଲୁଟ



ରାୟଗଡା,(ସବ୍ୟୁ): ରାୟଗଡ଼ା ସହର ଫାୟାର ଷ୍ଟେସନ ନିକଟରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟ୍ ହୋଇଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ହୋଇଥିବା ବସନ୍ତ କୁମାର ମିଶ୍ର ରାୟଗଡ଼ା ପୂର୍ତ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀ। ବସନ୍ତ ଦେଇଥିବା ସୂଚନା ଅନୁଯାୟୀ ସେ ରାତିରେ ଘରେ ଏକୁଟିଆ ଥିଲେ। ଏହି ସମୟରେ ଜଣେ ଯୁବତୀ ସମେତ ୪ ଜଣ ଯୁବକ ହାତରେ ବନ୍ଧୁକ ଛୁରୀ ଧରି ଘରେ ଜୋର ଜବରଦସ୍ତି ରାତି ୧୧ଟା ସମୟରେ ଘରେ ପଶିଥିଲେ। ସକାଳ ୫ଟା ଯାଏଁ ଦୁର୍ବୃତ୍ତମାନେ ବସନ୍ତଙ୍କୁ ମାରପିଟ କରିଥିବା ଜଣାପଡିଛି। ଦୁର୍ବୃତ୍ତମାନେ ସୁନା ଚେନ,ମୁଦି ଫ୍ରୀଜ, ଗ୍ୟାସ ସିଲିଣ୍ଡର ଓ ଘରୋଇ ଆସବାବପାତ୍ର ଲୁଟି ନେଇଥିବା ବସନ୍ତ କହିଛନ୍ତି। ଏପରକି ଦୁର୍ବୃତ୍ତମାନେ ତାଙ୍କ ବ୍ୟାଙ୍କ ଆକାଂଉଣ୍ଟର ଟଙ୍କା ଉଠାଣ ଫର୍ମ ଦସ୍ତଖତ କରି ନେଇଥିବା ଜଣାପଡ଼ିଛି। ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ତାଙ୍କ ଫୋନ ପେ ଆକାଂଉଣ୍ଟରୁ ୧୧ ହଜାର ଟଙ୍କା ନେଇଯାଇଛନ୍ତି। ଦୀର୍ଘ ୬ ଘଣ୍ଟା ଧରି ଦୁର୍ବୃତ୍ତମାନେ ରାତିରେ ବସନ୍ତଙ୍କୁ ହାତ ଗୋଡ଼ ବାନ୍ଧି ମାରପିଟ କରି ଶାରୀରିକ ଯନ୍ତ୍ରଣା ଦେବା ସହ ଲୁଟ କରିଥିଲେ। ଦୁର୍ବୃତ୍ତମାନେ ସକାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ। ସକାଳୁ ଶ୍ରୀ ମିଶ୍ର ଘଂଟାଏ ଧରି ପାଟି କରିବା ପରେ ସାହି ପଡ଼ିସା ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ଦୁର୍ବୃତ୍ତମାନେ ପୁଲିସ କିମ୍ବା କାହାକୁ ଖବର ଦେଲେ ହତ୍ୟା କରିବୁ ବୋଲି ଧମକ ଦେଇଥିବା ବସନ୍ତ ପ୍ରକାଶ କରିଛନ୍ତି। ରାୟଗଡ଼ା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ସୁନା ଗହଣା ଚୋରି ମାମଲା : ତିନି ଗିରଫ,୨.୫ ଲକ୍ଷ ଟଙ୍କା ଜବତ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ପୋଲିସ ଦୀର୍ଘ ତିନି ମାସ ତଳେ ସୁନା ଗହଣା ଚୋରୀ ମାମଲାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ଜବତ , ଏକ ବାଇକ ଓ ଏକ ଲୁହା ରଡ଼ ଜବତ କରାଯାଇଛି। ଏନେଇ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ। ଗିରଫ ତିନି ଜଣ ହେଲେ ଚନ୍ଦନ ବୁଦେଇ(୨୩ ) ଘର କୋରାପୁଟ ସହର ଷ୍ଟାଡିୟମ କଲୋନୀ, ଅଜୟ ଓରଫ ରିଙ୍କୁ ନାୟକ(୩୦ ) ଘର ଜୟପୁର ସହର ର ଓଡ଼ିଆ ମେଦିରି ସାହି ଓ ଅନ୍ୟ ଜଣେ ହେଲେ ସୁନାରୀ ଏମ ଶିବା (୪୫ ) ଘର ଜୟପୁର ସ୍ଥିତ ଚନ୍ଦନବାଡ଼ ସାହି ବୋଲି ପ୍ରେସ ନୋଟ ରେ ଦର୍ଶାଇଛନ୍ତି।

ପ୍ରକାଶ ଥାଉକି ଗତ ୨୦.୧୨.୨୫ ରେ ନବରଙ୍ଗପୁର ରୋଡ଼ରେ ଥିବା ବିନାୟକ ପାଢ଼ୀଙ୍କ ପରିବାର ଏକ ପାରିବାରିକ କାର୍ଯ୍ୟକ୍ରମରେ ବାହାରକୁ ଯାଇଥିବା ବେଳେ ଘରେ କେହି ନ ଥିବା ଦେଖି ଦୁର୍ବୃତ୍ତ ମାନେ ସୁନା ନେକଲେସ, ସୁନାର କାନ ଫୁଲ, ସୁନା ମୁଦି ଏହିପରି ଭାବେ ମୋଟ ୯୫ ଗ୍ରାମ ସୁନା ଗହଣା ଓ ଦୁଇ ଲକ୍ଷ ଟଙ୍କା ନଗଦ ଧରି ଛୁ ମାରିଥିଲେ। ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ପରେ ଅଭିଯୋଗକାରୀଙ୍କ ଝିଅ ଅଞ୍ଜଳୀ ପାଢ଼ୀ ଓ ତାଙ୍କ ପରିବାର ଲୋକ ବୋରିଗୁମ୍ମାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିଲେ। ପରେ କୋରାପୁଟ ଏସପି ଜୟପୁର ଓ ବୋରିଗୁମ୍ମା ଥାନାର ପୋଲିସ ଅଧିକାରୀଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ଦୁର୍ବୃତ୍ତ ମାନେ ସୁନା ଗହଣା ଚୋରୀ କରି ଜୟପୁରର ସୁନାରୀକୁ ଦେଇଥିଲେ। ସୁନାରୀ ଏମ ଶିବା ପାଖରୁ ଦୁଇ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଥିଲା। ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ, ଏଏସଆଇ ବସନ୍ତ କୁମାର ନାଗ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଭୁକ୍ତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ
### ମହିଳାଙ୍କ ଅଧିକାର ଓ ଯୋଜନା ଉପରେ ସଚେତନତା

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଠାରେ ଗ୍ରାମବତୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅମ୍ବାଭୋନା ସିଡିପିଓ ମାଳତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡ଼. ଚିନ୍ତାମଣି ପଟେଲ, ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ନୀଳ କୁମାରୀ ନାଏକ ଓ ମହାଶକ୍ତି ଫାଉଣ୍ଡେସନର ରୋଜାଲିନ ଭୁୟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବର୍ତ୍ତମାନ ସମାଜରେ ମହିଳାଙ୍କ ଭୂମିକା, କର୍ତ୍ତବ୍ୟ ଓ ସମାନ ଅଧିକାର ଉପରେ ଆଲୋକପାତ କରିଥିଲେ। ସଭାର ଅଧ୍ୟକ୍ଷତା କରିଥିଲେ ସୁଲେଖା ନାୟର, ଯିଏ ଇନ୍ଦିରା ଗାନ୍ଧୀ, କଳ୍ପନା ଚାୱଲା ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଓ ସଫଳତା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ। ଡ଼. ଚିନ୍ତାମଣି ପଟେଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ମହିଳାମାନେ ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମ୍ୟାନେଜର ହିମାଂଶୁ ସାହୁ ସଭାକୁ ପରିଚାଳନା କରିଥିବା ସହ ପରିବାର ଓ ସମାଜରେ ମହିଳାଙ୍କ ସମାନ ଅଧିକାର ଉପରେ ଗୁରୁତ୍ୱ ଦେଇଥିଲେ। ଅମ୍ବାଭୋନା ସିଡିପିଓ ମାଳତୀ ନାୟକ ବିବାହ ପଞ୍ଜୀକରଣ ସହ ସରକାରୀ ସୁବିଧା ଗ୍ରହଣ କରିବାକୁ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଫ୍ୟାଶନ ଶୋ, ରସି ଟଣା ଓ ଉଦ୍ୟୋଗୀ ମହିଳା ଗ୍ରୁପ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ହାତ ରୁ ପୁରସ୍କୃତ କରାଯାଇଥିଲା। ଅମ୍ବାଭୋନା ଅଞ୍ଚଳର ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ଅନେକ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜୟପାଟଣା,(ସବ୍ୟୁ)::କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଭାବବିହ୍ୱଳ ବିଦାୟ ସମାରୋହ ଆୟୋଜିତ ହୋଇତଲା । କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ ଓ ଅଭିଭାଷଣ ମାଧ୍ୟମରେ ଅଷ୍ଟମ ଶ୍ରେଣୀର ଭାଇଭଉଣୀମାନଙ୍କୁ ବିଦାୟ ଜଣାଇଥିଲେ। କାର୍ଯ୍ୟକ୍ରମର ଶେଷରେ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ସହ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଉମାଶଙ୍କର ଦୀପ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ରୂପେ ସଞ୍ଜୟ କୁମାର ପୁରୋହିତ ଅଧ୍ୟାପକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସମ୍ମାନନୀୟ ଅତିଥି ଭାବେ ରେଙ୍ଗାଲପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେଦବର ନିଆଲ, ସାମ୍ବାଦିକ ଅସରଫ ଅଲ୍ଲୀ, ପୂର୍ବତନ ସରପଞ୍ଚ କୁଞ୍ଜବିହାରୀ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସହଶିକ୍ଷକ ରଞ୍ଜନ ବରିହା ମଞ୍ଚ ପରିଚାଳନା କରିଥିବା ଶିକ୍ଷୟିତ୍ରୀ ସୁଶ୍ରୀ ରୁଚିରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଜଳସେଚନ ଠିକାଦାରଙ୍କୁ ଅନୁକମ୍ପା ଘଟଣା ମିଥ୍ୟା -ଅଧିକ୍ଷଣ ଯନ୍ତ୍ରୀ

ରାୟଗଡା ,(ସବ୍ୟୁ): ରାୟଗଡ଼ା ଜିଲ୍ଲାର କ୍ଷୁଦ୍ର ଜଳସେଚନ ବିଭାଗରେ ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ଟେଣ୍ଡର ଦିଆଯାଇଛି ବୋଲି ଅଭିଯୋଗ କରୁଥିବା ଠିକାଦାର ସମ୍ପୂର୍ଣ୍ଣ ମିଥ୍ୟା ଘଟଣା ବୋଲି ଲିଖିତ ସ୍ପଷ୍ଟୀକରଣ ଦେଇଛନ୍ତି ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକ। ବିଭାଗ ପକ୍ଷରୁ ୧୫ଟି କାର୍ଯ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିରୁ ୯ଟି କାର୍ଯ୍ୟ ଧାର୍ଯ୍ୟ ମୂଲ୍ୟରେ ଠିକାଦାର ଆବେଦନ କରିଥିଲେ। ଆଉ ୬ଟି କାର୍ଯ୍ୟ ଧାର୍ଯ୍ୟ ମୂଲ୍ୟ ଠାରୁ କମ ଦର ଆବେଦନ କରିଥିଲେ ଯାଜପୁର ଜିଲ୍ଲାର ଠିକାଦାର ଜ୍ୟୋର୍ତିମୟୀ ମଲ୍ଲିକ ସମେତ ରାୟଗଡ଼ା ଜିଲ୍ଲାର ଆଉ ଦୁଇ ଜଣ ମଧ୍ୟ ବିଜ୍ଞପ୍ତିରେ ଭାଗନେଇ ଥିଲେ। କିନ୍ତୁ ରାୟଗଡ଼ା ଜିଲ୍ଲାର କିଛି ଠିକାଦାର ନୂତନ ଭାବରେ ସଂଗଠନ କରି ଜିଲ୍ଲାର ସମସ୍ତ ଠିକାଦାର ସରକାରଙ୍କ ଧାର୍ଯ୍ୟ ଦରରେ ହିଁ ବିଜ୍ଞପ୍ତିରେ ଭାଗନେଇ ଲଟେରୀ କରାଯାଉ ବୋଲି ଦାବି କରିଥିଲେ।

## ଭିସୁଟ୍‌ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ସହ ମହିଳାମାନଙ୍କ ସଫଳତା, ଶକ୍ତି ଓ ସ୍ଥିରତାକୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରତିମା ମୋହନାଙ୍କ ଗୋଷ୍ଠୀ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗ ଦେଇ ସଶକ୍ତିକରଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । କୁଳସଚିବ ପ୍ରଦୀପ କୁମାର ଡାଙ୍ଗ, କିଶୋର ନ୍ୟାୟ ବୋର୍ଡର ବାଣୀ ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତିମା ତାଣ୍ଡି, ଭିମସାରର ଡାକ୍ତର ସାଗ୍ନିକା ତ୍ରିପାଠୀ ଯୋଗ ଦେଇ ମହିଳା ମାନେ ସମସ୍ତ କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିଥିବା ସମ୍ପର୍କରେ କହିଥିଲେ । ପରେ ଭାରତର ପ୍ରଭାବଶାଳୀ ମହିଳାଙ୍କ ଉପରେ ଏକ ଅଡିଓଭିଡିଓ ଉପସ୍ଥାପନା, ଓଡିଶୀ ନୃତ୍ୟ, କରାଟେ ଡେମୋ, ସମ୍ବଲପୁରୀ ନୃତ୍ୟ, କଳା ପ୍ରଦର୍ଶନୀ, ଛାତ୍ର ପ୍ରଦର୍ଶନୀ ଆଦି ପ୍ରଦର୍ଶିତ ହୋଇଥିଲା । ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ଓ ଦୀପକ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଭ୍ୟନ୍ତରିଣ କମିଟିର ଡ. ସୁନନ୍ଦା କୁମାରୀ ପତ୍ରୀ ସ୍ୱାଗତ ଭାଷଣ ଓ ସ୍ୱର୍ଣ୍ଣଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭ୍ୟାନ ସହ ୫୬ ଲିଟର ବିଦେଶୀ ମଦ ଜବତ

ସମ୍ବଲପୁର,(ସବ୍ୟୁ): ବେଆଇନ ବିଦେଶୀ ମଦ ଚୋରାଚାଲାଣ ବେଳେ ଚାରମାଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଏଥିସହ ଏକ ମାରୁତି ଓମିନି ଭ୍ୟାନ, ମୋବାଇଲ ଫୋନ ସହ ୫୫.୯୮୦ଲିଟର ବିଦେଶୀ ମଦ ଜବତ ହୋଇଛି । ଏନେଇ ଚାରମାଳ ଥାନାରେ ୫୦/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚାରମାଳ ଥାନା ପୋଲିସ କର୍ଦାପାଲ ଛକ ନିକଟରେ ଓମିନି ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ବିହାର ରାଘପୁର ଗ୍ରାମର ମୁଲୁ ରାୟ(୪୩)ଙ୍କୁ ଉପରୋକ୍ତ ମଦ ସହ ଗିରଫ କରିଛି ।

## ଇଚ୍ଛାପୁର ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ପ୍ରଭାବିତ

କଳମପୁର, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କଳମପୁର ଶିକ୍ଷା ବିଭାଗ ଅଧୀନରେ ଥିବା ଇଚ୍ଛାପୁର ସ୍କୁଲରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନାହାନ୍ତି। ଏହି ଅବ୍ୟବସ୍ଥା ଯାହା ଏବେ ଏକ ଚର୍ଚ୍ଚାର ପରିସରକୁ ଆସିଛି। ସ୍କୁଲ ଉପରେ ନିର୍ଭର କରୁଥିବା ନିକଟସ୍ଥ ଅନେକ ଗାଁ ରୁ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ଯାଏଁ ୨୬୬ ଛାତ୍ରଛାତ୍ରୀଙ୍କ ଆସିବା ଲାଗିରହିଛି। ଯାହାକି ମାତ୍ର ୪ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କୁ ସମ୍ଭାଳିବା କଷ୍ଟ ସାଧ ହେଉଛି। ପିଲାଏ ଘରକୁ ଫେରିଲେ ନିଜ ବାପା ମା ଙ୍କ ଆଗରେ କହୁଥିବା ବେଳେ ଅଭିଭାବକ ମହଲରେ ଏକ ଅସନ୍ତୋଷର ଧୂଆଁ ବାହାରୁଥିବା ପରିଲକ୍ଷିତ ହେଉଛି। ଯଦି ବିଭାଗୀୟ କର୍ତ୍ତୃପକ୍ଷ ଶିକ୍ଷକ ନିଯୁକ୍ତି ଦେବାରେ ଅନୋନ୍ୟପାୟ ତେବେ ସଂପୃକ୍ତ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅନ୍ୟତ୍ର ବଦଳି କଲେ କାହିଁକି ଏବଂ ଆମ ସ୍କୁଲକୁ ଏଭଳି ଅବହେଳା କାହିଁକି ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଆମ ସ୍କୁଲରୁ ଶିକ୍ଷକଙ୍କ ବଦଳି କରିବାକୁ ରାଜି ହେବାସହ ବର୍ତ୍ତମାନ ଯାଏଁ ଶିକ୍ଷକ ନିଯୁକ୍ତି ନକରିବା ପରିତାପର ବିଷୟ ବୋଲି ପରିଚାଳନା ପରିଷଦ ଅଧ୍ୟକ୍ଷ ଚମରୁ ନାଏକ ପ୍ରକାଶ କରିଛନ୍ତି। ଏଥିପାଇଁ ବିଭାଗ ଠାରେ ଆମେ ଲିଖିତ ଭାବେ ଅଭିଯୋଗ ମଧ୍ୟ କରିଛୁ। କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଯାହାକି ଏବେ ଛାତ୍ର ଛାତ୍ରୀଙ୍କ ଆକଟ କରିବା ସହ ଶିକ୍ଷାଦାନରେ ମଧ ବାଧା ସୃଷ୍ଟି ହେଉଛି। ଯଦି ଆଗାମୀ ଦିନରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଯାଏ ତାହେଲେ ଆମେ ଏଥିପାଇଁ ରାଜ ରାସ୍ତାକୁ ଓହ୍ଲାଇବୁ ଓ ଆନ୍ଦୋଳନ କରିବୁ ବୋଲି କମିଟି ପକ୍ଷରୁ ସଜବାଜ ହେଉଥିବା ଜଣାପଡ଼ିଛି।

## ଗ୍ରୀଷ୍ମ ପ୍ରବାହ ପରିଚାଳନା ନେଇ ପ୍ରସ୍ତୁତି ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ । ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଉପଯୁକ୍ତ ପରିମାଣର ଓଆରଏସ୍ ପ୍ୟାକେଟ୍ ଓ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସହ ସଜାଗ ରହିବାକୁ ଜିଲ୍ଲାପାଳ କହିଥିଲେ । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ଅଂଶୁଘାତ କକ୍ଷ କରାଯିବା ସହ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମାଞ୍ଚଳ, ଏନ୍ଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛକ ଗୁଡିକରେ ଜଳଛତ୍ର ଖୋଲିବା, ଅଚଳ ନଳକୂପକୁ ତୁରନ୍ତ ମରାମତି, ସ୍ଥାୟୀ ପାନୀୟ ଜଳର ବ୍ୟବସ୍ଥା, ଅଂଶୁଘାତ ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ପଶୁପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଖରା ସମୟରେ ପଦାକୁ ବାହାରିଲେ ଛତା, ଟୋପି, ପାଣି ବୋତଲ ଏବଂ ଓଦା କପଡା ବ୍ୟବହାର କରିବା, ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଶିକ୍ଷାନୁଷ୍ଠାନ ଗୁଡିକର ସମୟ ପରିବର୍ତ୍ତନ, ଯାନବାହାନରେ ଯାତ୍ରୀ ପରିବହନ ବେଳେ ପାଣି , ଓଆରଏସ୍ ପ୍ୟାକେଟ୍ ରଖିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ସମ୍ବଲପୁର ବନ ଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବନାମ, ରେଢାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ, ଆଇଏଏସ୍ ପ୍ରୋବେସନର ଶୁଭ୍ରା ପଣ୍ଡା ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।

## ଭାଜପାର କାର୍ଯ୍ୟକର୍ତ୍ତା ବୈଠକ
### ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି



ଖପ୍ରାଖୋଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦାମେଇପାଲି ପଞ୍ଚାୟତ କେଛୋବାହାଲ ଆମ୍ବ ବଗିଚା ଠାରେ ପଂଚାୟତସ୍ତରୀୟ ଭାଜପାର କାର୍ଯ୍ୟକର୍ତ୍ତା ବୈଠକ ପଞ୍ଚାୟତ ପ୍ରମୁଖ ସଞ୍ଜୀବ ପଟେଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନୀତ ଅତିଥି ବିଜେପି ନେତା ପ୍ରବୋଧାନନ୍ଦ ପାଣିଗ୍ରାହୀ, ମଣ୍ଡଳ ସଭାପତି ଉମାକାନ୍ତ ପଧାନ, ବିକାଶ ବେହେରା, ପଞ୍ଚୟତ ପ୍ରଭାରୀ ଉପେନ୍ଦ୍ର ଭୋଇ, ରବି ସାହୁ, ବୁଲୁ ଯୋଶୀ ଯୋଗଦେଇଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନକୁ ଆଖି ଆଗରେ ରଖି ଡବଲ ଇଂଜିନ ସରକାରର ବିଭିନ୍ନ ଲୋକାଭିମୁଖୀ ଗରିବ କଲ୍ୟାଣ କାରି ଯୋଜନାକୁ ଜନ ସାଧାରଣ ପାଖକୁ ପହଞ୍ଚାଇ ସହିତ ଦଳ କୁ ତୃଣ ମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା । ବୈଠକରେ ଲଳିତ ବାଗ, ଅକ୍ଷୟ ବରିହା, ଦେବରାଜ ପଟେଲ, ଅଶୋକ ବେହେରା, ଅନୁପ ଭୋଇ, ଧର୍ମରାଜ ଠାକୁର, ଘନ ରଣା, ବିରେନ୍ ଭୋଇ, ଉମେଶ ବାନଛୋର, ମୀନକେତନ ବରିହା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ବେଳେ ଅଭୟ ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ।

## ଦୁଇ ଟ୍ରକ୍ ମୁହାଁମୁହିଁ : ଉଭୟ ଗାଡ଼ିର ଡ୍ରାଇଭର ମୃତ

ବରଗଡ଼,(ସବ୍ୟୁ): ସମ୍ବଲପୁର ଜାତୀୟ ରାଜପଥରେ ମୁହାଁମୁହିଁ ଧକ୍କାହେଲେ ଦୁଇ ଟ୍ରକ୍। ଅତାବିରା – ଧର୍ମଶାଳା ଛକରେ ଦୁଇ ଟ୍ରକ ମଧ୍ୟରେ ଜୋରଦାର ଦୁର୍ଘଟଣା। ଦୁର୍ଘଟଣା ଏତେ ଭୟଙ୍କର ଯେ ଉଭୟ ଟ୍ରକ ଚୁରମାର ହୋଇଯାଇଛି। ଘଟଣାରେ ଉଭୟ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ହେଲପର ଆହତ ହୋଇଥିବା ସୂଚନା ରହିଛି। ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏହି ଅଭାବନୀୟ ଘଟଣା।

ଘଟଣା ସ୍ଥଳରେ ଦମକଳ ବାହିନୀ ଓ ପୁଲିସ ପହଞ୍ଚି ଗାଡ଼ି ଭିତରୁ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲା। ପରେ ଉଭୟ ଟ୍ରକ ଡ୍ରାଇଭରଙ୍କୁ ଗୁରୁତରଭାବେ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ହସ୍ପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଜଣେ ଟ୍ରକ ଡ୍ରାଇଭର ବିହାର ରାଜ୍ୟର ହୋଇଥିବା ବେଳେ ତାଙ୍କ ନାମ ମହମଦ ଇସ୍ମାଇଲ ବୋଲି ତାଙ୍କ ସହଯୋଗୀ ହେଲପର କହିଥିବା ବେଳେ ଅନ୍ୟ ଡ୍ରାଇଭରଙ୍କ ପରିଚୟ ଏବେ ସୁଦ୍ଧା ଜଣାପଡ଼ିନାହିଁ। ତେବେ କେଉଁ କାରଣରୁ ଓ କିଭଳି ପରିସ୍ଥିତିରେ ଉଭୟ ଟ୍ରକ ମୁହାଁମୁହିଁ ହେଲେ ତାକୁ ନେଇ ଅତାବିରା ପୁଲିସ ତଦନ୍ତ ଆରମ୍ଭ କରୁଛି।

## ତରଭା ଏନଏସିରେ ଆନ୍ତର୍ଜାତିୟ ମହିଳା ଦିବସ

ତରଭା,(ସବ୍ୟୁ): ତରଭା ବିଜ୍ଞାପିତ ଅଂଚଳ ପରିଷଦ ସଭାଗୃହ ପରିସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିୟ ମହିଳା ଦିବସପାଳିତ ହୋଇଯାଇଛି । ଏନ ଏ ସି ଅଧ୍ୟକ୍ଷା ବନ୍ଦିତା ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ମାନସ ସାହୁ ଯୋଗଦେଇ ଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପୂର୍ବତନ ଏଇଏସ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର ଯୋଗଦେଇ ମହିଳା ହିଂସା, ବାଲ୍ୟ ବିବାହ, ଉପରେ ମତ ରଖିଥିଲେ । ପରିମଳ ବିଶେଷଜ୍ଞ ହରିହର ଭୋଇ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ । କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ । କଠିନ ବର୍ଜ୍ୟ ବସ୍ତୁ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପରିମଳ କର୍ମଚାରୀଙ୍କୁ ଅତିଥି ମାନେ ମାନପତ୍ର ଓ ଉପହାର ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏଥିରେ ତରଭା ଡାକ୍ତରଖାନାର ଡ଼ ସଂଗୀତା ବିଶି, ଫାର୍ମାଶିଷ୍ଟ ଚନ୍ଦନ ପଧାନ, ଏ ଏନ ଏମ ରୀତା ମେହେର ଯୋଗ ଦେଇ ୩୮ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠି, ସି ଆର ପି, ସଫେଇ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ହରିହର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରୀଷ୍ମଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ ପ୍ରସ୍ତୁତ




ସମ୍ବଲପୁର,(ସବ୍ୟୁ): ଚଳିତ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଟିପିଡବ୍ଲୁଓଡିଏଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିଦ୍ୟୁତ୍ କାଟକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଏପରିକି ଲୋ ଭୋଲଟେଜ୍ ଉପରେ ନଜର ରଖାଯିବା ସହ ଅନବରତ ବିଦ୍ୟୁତ୍ ଯୋଗାଣ ପାଇଁ ସଂସ୍ଥା ପ୍ରସ୍ତୁତ ରହିଛି । ଶୁକ୍ରବାର ଅଇଁଠାପାଲି ସ୍ଥିତ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଗ୍ରୀଷ୍ମ ଋତୁରେ ସଂସ୍ଥାର ସମସ୍ତ ବିତରଣ ଅଞ୍ଚଳରେ ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୧୯୯୨ ମେଗାୱାଟ ରହିବ ବୋଲି ଆକଳନ କରାଯାଇଛି । ଏହି ଆବଶ୍ୟକତା ପୂରଣ ପାଇଁ ୪୫୨୪ମେଗାୱାଟ ବିତରଣ କ୍ଷମତା ରହିଛି । ଗ୍ରୀଷ୍ମଋତୁରେ ୧୪୯୪୫ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର ଆକଳନ କରାଯାଇଛି । ଏହାକୁ ଦୃଷ୍ଟିରେ ଲାଇନର ଉନ୍ନତିକରଣ, ନୂତନ ଲାଇନ ସ୍ଥାପନ, ୯ଗୋଟି ନୂତନ ପାୱାର ସବ୍‌ଷ୍ଟେସନ ନିର୍ମାଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୬ଗୋଟି ପିଟିଆରର ଉନ୍ନତିକରଣ, ୧୮ଗୋଟି ନୂତନ ପିଟିଆର କାର୍ଯ୍ୟକ୍ରମ ରହିଛି । ସେହିପରି ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦକ ପାଇଁ ମୋଟ ୭୮୬୩ଜଣ ଲାଇନମ୍ୟାନ ଓ ହେଲପର ନିଯୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩୩କେଭି ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ୨୬୧୭ଜଣ ଓ ୧୧କେଭି ଲାଇନ ପାଇଁ ୫୨୪୬ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୩୨୬ଗୋଟି ପିଏସ୍‌ଏସ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟପାଇଁ ୪୨୩ଜଣ ଲାଇନମ୍ୟାନ ଓ ହେଲପର ବ୍ୟବସାୟ ସହଯୋଗୀଙ୍କ ଦ୍ୱାରା ନିଯୁକ୍ତ ଅଛନ୍ତି । ସହରାଞ୍ଚଳରେ ୩ଟି ସିଫ୍ଟରେ ଓ ଗ୍ରାମାଞ୍ଚଳରେ ୨ଟି ସିଫ୍ଟରେ ନିଯୁକ୍ତି ଦିଆଯାଇଛି । ବିଦ୍ୟୁତ୍ ବ୍ୟାହତ ସମୟରେ ଯୋଗାଯୋଗକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପାନୀର ବିତରଣ ଅଞ୍ଚଳରେ ସମସ୍ତ ୫୭ଟି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ମୋଟ ୧୬୬ଜଣ ଟେଲିଫୋନ ଅପରେଟରଙ୍କୁ ନିଯୁକ୍ତି କରାଯାଇଛି । ରାତ୍ରୀକାଳିନ ରକ୍ଷଣାବେକ୍ଷଣ ଓ ଯାତାୟତ ପାଇଁ ଗାଡି ବ୍ୟବସ୍ଥା, ବୁର୍ଲା ଠାରେ ସେଣ୍ଟ୍ରାଲ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟକ୍ଷମ ରହିଛି । କାଳବୈଶାଖୀ ସମୟରେ ସମନ୍ୱୟ ପାଇଁ ବିଭାଗୀୟ ସ୍ତରୀୟ ନିୟନ୍ତ୍ରଣ କକ୍ଷଗୁଡିକୁ ସକ୍ରିୟ କରାଯାଇଛି । ଯୋଗାଯୋଗ ସୁନିଶ୍ଚିତ କରିବା ପାଇଁ ସାଟେଲାଇଟ୍ ଫୋନ ମଧ୍ୟ କାର୍ଯ୍ୟକ୍ଷମ ରହିଛି । ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେଲେ ଗ୍ରାହକଙ୍କ ଅଭିଯୋଗ ପାଇଁ କମ୍ପାନୀ ପକ୍ଷରୁ ସମ୍ବଲପୁର ଠାରେ ୨୪ଘଣ୍ଟିଆ କଲ ସେଣ୍ଟର ସ୍ଥାପନ କରାଯାଇଛି । ଏଥିସହ ଅନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା ପାଇଁ ଭିନ୍ନଭିନ୍ନ ଦଳ ଗଠନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କମ୍ପାନୀର ପ୍ରଶାନ୍ତ ସିଂ, ଆଶିଷ ପାଟ୍ଟଯୋଶି ଓ ଅନୀଲ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ ।

## ବେଆଇନ ଗ୍ୟାସ ଦୋକାନ ଉପରେ ଚଢ଼ାଉ



ଝାରସୁଗୁଡ଼ା,(ସବ୍ୟୁ): ରନ୍ଧନ ଗ୍ୟାସ୍ ସିଲିଣ୍ଡର ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଖାଉଟି । ଗୋଟିଏ ପଟେ ସରକାର କହୁଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ରହିଛି ଗ୍ୟାସ୍ ସିଲିଣ୍ଡର । ହେଲେ କିଛି ଅସାଧୁ ବ୍ୟବସାୟୀ ଗ୍ୟାସର କଳାବଜାରୀ କରୁଥିବା ନଜର କୁ ଆସିଛି । ଏପରି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡ଼ା ସହର ବେହେରାମାଳ ଅଞ୍ଚଳରେ । ଗୁରୁବାର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗାଣ ବିଭାଗ ଅଧିକାରୀ ଓ ତୈଳ କମ୍ପାନୀର ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ । ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଝାରସୁଗୁଡ଼ା ଜିଲ୍ଲାରେ ରନ୍ଧନ ଗ୍ୟାସ୍ କିମ୍ବା ଇନ୍ଧନର କୌଣସି ଅଭାବ ନାହିଁ । କେବଳ ଲୋକଙ୍କ ମନରେ ଥିବା ଆଶଙ୍କା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଗ୍ୟାସ୍ ସିଲିଣ୍ଡର ଓ ପେଟ୍ରୋଲର କଳାବଜାରୀ ଉପରେ କଡ଼ା ନଜର ରଖିବାକୁ ପୋଲିସ ଏବଂ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଯୋଗାଣ ବିଭାଗ ତତ୍ପରତା ଦେଖାଇ ବେହେରାମାଳ ଅଞ୍ଚଳର ଏକ ଦୋକାନରେ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ୯୨ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲା । ଜବତ ୯୨ଟି ଗ୍ୟାସ୍ ସିଲିଣ୍ଡର ମଧ୍ୟରୁ ୨୮ଟି ଘରୋଇ ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ସହ ଗୋଟିଏ ବ୍ୟବସାୟିକ ଭର୍ତ୍ତି ଥିବା ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ଘଟଣାଟି ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଲୋକଙ୍କ ଅଭିଯୋଗ ଅନୁଯାୟୀ ସହରରେ ଦୀର୍ଘ ବର୍ଷରୁ କିଛି ଅସାଧୁ ବ୍ୟବସାୟୀ ଗ୍ୟାସର କଳାବଜାରୀ କରୁଛନ୍ତି । ଅସାଧୁ ବ୍ୟବସାୟୀଙ୍କ ସହ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ଯୋଗୁଁ ଯୋଗାଣ ବିଭାଗ ନିଦାବିଷ୍ଟ ସାଜିଥିବା ଲୋକେ ଅଭିଯୋଗ କରିଛନ୍ତି । କେବଳ ଗୋଟିଏ ଦୋକାନରୁ ଏତେ ସଂଖ୍ୟକ ସିଲିଣ୍ଡର ମିଳିବା ସାଧାରଣ କଥା ନୁହେଁ । ଏହା ପଛରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ହାତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି ।

## ରନ୍ଧନ ଗ୍ୟାସକୁ ନେଇ ଅଚଳାବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ



ବରଗଡ,(ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ନୂତନ ରାସ୍ତାଠାରେ, ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ସଭାପତିତ୍ୱରେ, କେନ୍ଦ୍ର ବିଜେପି ସରକାରଙ୍କ ଭୁଲ ବିଦେଶୀ ନୀତି ଯୋଗୁଁ ଦେଶରେ ଏଲପିଜି ବା ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହେଉଥିବା ଅଚଳାବସ୍ଥା ଓ ତାର ସମାଧାନ ଦିଗରେ ଚଷ୍ଟା କରିବା, ତ୍ୱତ ସଙ୍ଗେ ସଙ୍ଗେ ବରଗଡ଼ ଜିଲ୍ଲା ଆଇନ୍ ଶୃଙ୍ଖଳା ପରିସ୍ଥିତି ବେହାଲ ହୋଇ ପଡିଛି । ତାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ତଥା ଚଳିତ ଖରିଫ ଚାଷର ତ୍ରୁଟି ପୂର୍ଣ୍ଣ ପଞ୍ଜୀକରଣ ନିତି ଓ ଧାନ ସଂଗ୍ରହରେ ରାଜ୍ୟ ସରକାର ସପୂର୍ଣ୍ଣ ବିଫଳ ହୋଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଚାଷୀଙ୍କ (ଅନ୍ନ ଦାତା) ଧାନ ସମ୍ପୂର୍ଣ୍ଣ ଭାବରେ ସଂଗ୍ରହ କରନ୍ତୁ ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ହରଦୀପ ସିଂହ, ଯୁଗଳ ପ୍ରସାଦ ସିଂହ, ଅନନ୍ତ ଶୟନ ପାଢ଼ୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ଼, ଟଙ୍କାଧର ସାହୁ, ଅଭିଷେକ ସେଠ୍, ପ୍ରତାପ ଚନ୍ଦ୍ର ନାୟକ, ମନୋଜ କୁମାର ତ୍ରୀବେଦି, ଆନନ୍ଦ ପ୍ରଧାନ, ପାଣ୍ଡବ କର୍ଣ୍ଣ, ଗୌନ୍ତିଆ ସାହୁ, ଗଜରାଜ ସିଂ ପୁଟା, ସନ୍ତୋଷ ଶତପଥୀ ପ୍ରମୁଖ ଅନେକ କଂଗ୍ରେସ କର୍ମି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେବଗଡ଼ ଜିଲ୍ଲାରେ ଘରୋଇ କଳହରୁ ୩ଜଣଙ୍କୁ ହତ୍ୟା

ଦେବଗଡ,(ସବ୍ୟୁ): ପାରିବାରିକ କଳହର କରୁଣ ପରିଣତି। ଦେବଗଡ ଜିଲ୍ଲା କୁଣ୍ଡେଇଗୋଳା ଥାନାଞ୍ଚଳରେ ତ୍ରିପଲ ମର୍ଡର। କୁଣ୍ଡେଇଗୋଳା ଥାନାଞ୍ଚଳର ଗରିଆପାଲି ଗ୍ରାମରେ ଘଟିଛି ହୃଦୟ ବିଦାରକ ଘଟଣା । ଘରୋଇ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ଅଭିଯୁକ୍ତ ରମେଶ ଗରିଆ(୫୦) ଙ୍କ ଆକ୍ରମଣରେ ସ୍ତ୍ରୀ କୁନ୍ଥ ଗରିଆ, ବୋହୁ ଲିପି ମହାକୁଳ ଓ ଚାରି ବର୍ଷର ନାତୁଣୀ ଗାୟତ୍ରୀ ଗରିଆଙ୍କର ମୃତ୍ୟୁ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ରମେଶ ଘରେ ଥିବା ଏକ ହାତୁଡି ସାହାଯ୍ୟ ରେ ପିଟିପିଟି ତିନିଜଣଙ୍କୁ ହତ୍ୟା କରିବା ପରେ ଫେରାର ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ କୁଣ୍ଡେଇଗୋଳା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି। ସେମାନଙ୍କ ଚାରିବର୍ଷ ର ଝିଅ ଗାୟତ୍ରୀ ଗରିଆ ଓ ସାନପୁଅ ଅବିବାହିତ ଭୁବନ ଗରିଆ ରହୁଥିଲେ। ଦୁଇପୁଅ ପେଷାରେ ଡ୍ରାଇଭର ହୋଇଥିବା ବେଳେ ପ୍ରାୟତଃ ବାହାରେ ରହୁଥିବା ବେଳେ ଅନ୍ୟମାନେ ଘରେ ରହିଥାନ୍ତି। ବୁଧବାର ସନ୍ଧ୍ୟାରେ ଗ୍ରାମରେ ଠାକୁର ବିଜେ ଶୋଭାଯାତ୍ରା ସାରି ରମେଶ ଘରକୁ ଫେରିବା ପରେ ଖାଇପିଇ ଶୋଇଥିଲେ। ଅଭିଯୁକ୍ତ ରମେଶ ଘର ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ କୁନ୍ଥ ଗୋଟିଏ ବଖରାରେ ଓ ଅନ୍ୟ ବଖରାରେ ବୋହୁ ଲିପି, ଚାରିବର୍ଷ ର ନାତୁଣୀ ଗାୟତ୍ରୀ ମହାକୁଳ ଓ ରମେଶ ଙ୍କର ସାନ ଭାଇ ର ଝିଅ(ଝିଆରୀ) ପାୟଲ ଗରିଆ ଶୋଇଥିଲେ। ଅଭିଯୁକ୍ତ ରମେଶର ଆକ୍ରମଣରୁ ବର୍ତ୍ତିଯାଇଥିବା ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ । ପାୟଲଙ୍କର କହିବା ଅନୁଯାଇ ସ୍ତ୍ରୀ ଓ ବୋହୁ ଦୁଇ ଜଣଙ୍କୁ ହାତୁଡିରେ ପିଟି ହତ୍ୟାକରିବା ପରେ ନାତୁଣୀ ଗାୟତ୍ରୀକୁ ଆକ୍ରମଣ ବେଳେ ତାଙ୍କର ନିଦ ଭାଙ୍ଗିଯାଇଥିଲା। ନାତୁଣୀ ଗାୟତ୍ରୀ ଅଜାଙ୍କୁ ଛାଡିଦେବାକୁ ନେହୁରା ହେଉଥିଲା। ପାୟଲ ମଧ୍ୟ ଛୋଟ ଛୁଆଟିକୁ ଛାଡିଦେବା ପାଇଁ ଅନୁରୋଧ କରିଥିଲେ। ମାତ୍ର ସେ କିଛି ନଶୁଣି ଛୋଟ ଛୁଆ ଟିକୁ ମଧ୍ୟ ହାତୁଡିରେ ପିଟି ହତ୍ୟା କରିଥିଲା। ଝିଆରୀ ପାୟଲ ଝରକାରୁ ଡେଇଁ ପଳାଇ ଯିବାରୁ ବର୍ତ୍ତୀ ଯାଇଥିଲେ।

ଖବର ପାଇ ଅଭିଯୁକ୍ତ ଙ୍କର ଦୁଇପୁଅ ଧିରେନ ଗରିଆ ଓ ଭୁବନ ଗରିଆ ଘଟଣାସ୍ଥଳ ରେ ପହଞ୍ଚିଥିବା ବେଳେ ସବୁ ଶେଷ ହୋଇଯାଇଥିଲା। ସେମାନଙ୍କ ସୁନାର ସଂସାର ଛାରଖାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ କୁଣ୍ଡେଇଗୋଳା ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ରକ୍ତ ଲଗା ହାତୁଡି ଜବତ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଦେବଗଡ ଏସପି ଅନୀଲ କୁମାର ମିଶ୍ର, ଏସଡିପିଓ ରମେଶ କୁମାର ମହାନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତକୁ ଧରିବା ପରେ ହତ୍ୟାକାଣ୍ଡର ପ୍ରକୃତ ତଥ୍ୟ ସାମନାକୁ ଆସିବ । ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ଏହି ତ୍ରିପଲ ମର୍ଡର ଘଟଣା କୁ ନେଇ କୁଣ୍ଡେଇଗୋଳା ଥାନାରେ ଏକ ମାମଲା ନମ୍ବର ୮୮/୨୦୨୬ ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

## ବିପୁଳ ପରିମାଣର ଗଞ୍ଜେଇ ସହ କାର-ବାଇକ ଜବତ, ଦୁଇ ଗିରଫ

ଝାରସୁଗୁଡ଼ା,(ସବ୍ୟୁ): ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ଅଂଶ ଭାବରେ ବ୍ରଜରାଜନଗର ପୁଲିସ ଏକ ବଡ଼ ସଫଳତା ମିଳିଛି। ପୁଲିସ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଏକ ରାକେଟ୍‌କୁ ଧରିବାରେ ସଫଳ ହୋଇଛି। ଶୁକ୍ରବାର ବ୍ରଜରାଜନଗର ଥାନା ପରିସରରେ ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏକପ୍ରେସ୍ ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ରଜରାଜନଗର ଥାନା ଅନ୍ତର୍ଗତ ଲଜକୁରାର ଅମରନାଥ ଦ୍ୱିବେଦୀ (୨୭) ଓ ବୌଦ୍ଧ ଜିଲ୍ଲା କମିରାର ଶ୍ରୀକାନ୍ତ ଦାସ (୪୨)। ସେମାନଙ୍କ ଠାରୁ ୬୨ କିଲୋ ୬୦ ଗ୍ରାମ ନିଷିଦ୍ଧ ଗଞ୍ଜେଇ, ଗୋଟିଏ ସ୍କୁଟି (ଓଡ଼ି ୨୩ ୟୁ ୧୧୦୬), ଗୋଟିଏ ମୋବାଇଲ୍ ଫୋନ୍ ଗୋଟିଏ କାର(ଓଡ଼ି ୦୨ ଏ ଡ଼ି ୮୬୦୧) ଓ ନଗଦ ଟଙ୍କା ୧୪,୦୫୦ ଟଙ୍କା ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ଓ ଗଞ୍ଜେଇ ଚାଲାଣର ଲିଙ୍କକୁ ପୁଲିସ ଖୋଜୁଛି ବୋଲି ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ବନହରପାଲି ଆଇଆଇସି ଅଧିକାରୀ ରଞ୍ଜିତ ନାୟକ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଏକ ସ୍କୁଟିରେ ଗଞ୍ଜେଇ ଲଜକୁରା ଜଣେ ଯୁବକ ଘରକୁ ନେଉଥିବା ଖବର ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ପାଇଥିଲେ। କାଳ ବିଳମ୍ବ ନକରି ପୁଲିସ ଲଜକୁରା ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲେ। ଅପରାହ୍ନ ୫ଟାରେ ସ୍କୁଟି ଧରି ଯୁବକ ଜଣକ ସେଠାରେ ପହଁଚିବା କ୍ଷଣି ତାଙ୍କୁ କାବୁ କରିନେଇଥିଲେ। ମାଜିଷ୍ଟ୍ରେଟ ସମ୍ମୁଖରେ ତନଖି ପରେ ପ୍ରାୟ ୨୩କେଜି ଗଞ୍ଜେଇ ମିଳିଥିଲା। ସେ ତାର ପରିଚୟ ଅମରନାଥ କହିବା ସହିତ ସେ ବୌଦ୍ଧର ଶ୍ରୀକାନ୍ତ ଠାରୁ ଆଣିଥିବା କହିଥିଲା। ତାକୁ ପଚାରଉଚରା ପରେ ଅଭିଯୁକ୍ତ ଯୁବକ ଘରୁ ଦୁଇଟି ଲୁହା ଡ୍ରମ ଓ ଗୋଟିଏ ଆଟାଚିରେ ଗଞ୍ଜେଇ ମିଳିଥିଲା। ପୁଲିସର ୨ଟି ଟିମ ଗୁରୁବାର ରାତିରେ ବୌଦ୍ଧ ଯିବା ସହ ଶ୍ରୀକାନ୍ତକୁ ଗିରଫ କରିଥିଲା।

## କୁଚିଣ୍ଡା ମହିମା ମଠରେ ଉତ୍ତରାଖଣ୍ଡର ଲେହେରୀ ନାଗା ବାବା

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ, ରଝୁଲେନ୍ ପୋଲପାର୍ସ ଅଲେଖ ମହିମା . ମଠରେ ଉତ୍ତରାଖଣ୍ଡର ଲେହେରୀ ନାଗା, ବାବା ସହ, ୫ ଜଣିଆଁ ଟିମ ୧୨ତାରିଖରେ ଆସି ପହଁଞ୍ଚିଛନ୍ତି। ଏହି ଟିମ ମଠରେ ପହଁଞ୍ଚିବା ଜାଣି ଅଲେଖ ମହିମା ମଠାଧିଶ ଶେଷଦେବ ଅଲେଖ ବାବାଜୀ ସେମାନଙ୍କୁ ଭବ୍ୟ ସ୍ୱାଗତ ସହ ଭିତରକୁ ପାଛୋଟି ନେଇ ଥିଲେ। ଏହି ଅଘୋରୀ ନାଗା ବାବା ଅନ୍ୟର ରନ୍ଧା ଗ୍ରହଣ କରିବେନୀ, ନିଜେ ଭୋଜନ ବ୍ୟବସ୍ଥା ମଠ ପରିସରରେ ପ୍ରସ୍ତୁତ କରିଥିଲେ। ସମସ୍ତ ସାମଗ୍ରୀ ଅଲେଖ ମହିମାର ମଠାଧିଶ ଯୋଗାଇଦେଇ ଥିଲେ। ଏଣେ ସେହି ପ୍ରସାଦ ମଧ ବୁଦ୍ଧିଯିବୀ ଭୋଜନ କରିଥିଲେ। ଅଘୋରୀ ନାଗାବାବା ମଠରେ ରାତ୍ରୀ ଜାପନ କରିଥିଲେ। ପରବର୍ତ୍ତି ଶୁକ୍ରବାର ସକାଳୁ ପୁର୍ବ ଚିନ୍ତିତ ପଥରେ ବାହାରି ଥିଲେ। କିନ୍ତୁ ବାହାରିବା ସମୟରେ ଅନେକ ଭକ୍ତ ସେଠାରେ ପହଁଞ୍ଚି ନିଜ ନିଜ ଘରକୁ ନାଗାବାବାଙ୍କୁ ଯିବାକୁ ଅନୁରୋଧ ମଧ କରିଥିଲେ। ନାଗା ବାବା ଗଣ କୁଚିଣ୍ଡା ଏନଏସି, ୱାର୍ଡନଂ ୬ସ୍ଥିତ ଅଲେଖ ମହିମା ମନ୍ଦୀର ଚାରି ପାର୍ସ ବୃକ୍ଷଲତା ଓ ଅନେକ ରକମର ଔଷଧିୟ ବୃକ୍ଷ ଦେଖି ଆଶ୍ଚର୍ଯ୍ୟ ହେବା ସହ, ଶେଷଦେବ ବାବାଙ୍କୁ ବଧାଇ ଜଣାଇଁଥିଲେ। ଏପରି ଏହି ମଠକୁ ଭିନ୍ନ ରାଜ୍ୟର ବାବାଜୀ ମାନେ ଚାଲି,ସାଇକେଲ ଇତ୍ୟାଦୀରେ ଆସି ଏଠାରେ ବିଶ୍ରାମ ନେଇ ଯାଉଥିବା ଅନେକ ନଜିର ରହିଛି।

## ବଣାଇଁର ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ



ବଣାଇଁ,(ସବ୍ୟୁ): ଅବଲୁପ୍ତ କଳା ଓ ବିଲୁପ୍ତ ପ୍ରାୟ ସଂସ୍କୃତିର ପୁନରୁତ୍ଥାନ ପାଇଁ ପ୍ରଚେଷ୍ଟାର ମଞ୍ଚ ଖଣ୍ଡାଧାର ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦଯାପିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବର ପ୍ରଥମ ଦିନରେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱରଙ୍କ ନିକଟରେ ବଣାଇଁ ରାଜା ବୀର କିଶୋର ଇନ୍ଦ୍ର ଦେଓ ଦେବ ଓ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲ୍ଲେଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ପରେ ଏକ ଶୋଭାଯାତ୍ରା ରେ କଳାହାଣ୍ଡି କଟାପ୍ପା ଙ୍କ ସହିତ ଅନେକ ସାଂସ୍କୃତିକ ଦଳ ଶୋଭାଯାତ୍ରା ରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ ।ସନ୍ଧ୍ୟାରେ ରାଜ୍ୟ ତଥା ଦେଶ ର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ ।

ସେହିଭଳି ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଡି.ଏଫ.ଓ. ଲଳିତ କୁମାର ପାତ୍ର ଓ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୁଦୀପ ଟପ୍ପୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ର ପ୍ରଶଂସା କରିଥିଲେ । ଅନ୍ତିମ ଦିବସରେ ସୁରେନ୍ଦ୍ର ମାଇନିଂ ଆଣ୍ଡ୍ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଇଂ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ରହି କଳାକାର ମାନଙ୍କୁ ପ୍ରଶଂସା କରିଥିଲେ । ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ଆୟୋଜନ କରାଯାଇ ଉତ୍କୃଷ୍ଟ କଳା ପ୍ରଦର୍ଶନ ଚୟନ କ୍ରମେ ପ୍ରଥମ ଭାବେ ବରଘାଟ ଆଦିବାସୀ ଓରାମ ନୃତ୍ୟ ଓ ଦ୍ୱିତୀୟ ଭାବେ ଠାକୁରପାଲୀ ଆଦିବାସୀ କିଷାନ ନୃତ୍ୟ ଶ୍ରେଷ୍ଠତ୍ୱ ବିବେଚିତ ହୋଇ ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ । ମଞ୍ଚରେ ତିନିଦିନ ଧରି ଉତ୍କୃଷ୍ଟ କଳା ପ୍ରଦର୍ଶିତ ହୋଇଥିଲା । ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ର ରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥା ସ୍ୱର୍ଗତଃ ଦିଲ୍ଲୀପ ତ୍ରିପାଠୀ ସ୍ମୃତି ସମ୍ମାନ - ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ, କର୍ତ୍ତବ୍ୟନିଷ୍ଠ ସମ୍ମାନ - କୋଇଡ଼ା ବନପାଳ ପ୍ରତାପ କୁମାର ସାହୁ, ସେବା ଧର୍ମ ସମ୍ମାନ - ବାଦଲ ବାରିକ, ଗଣୁଆଁ କୋଇଡ଼ା, ସ୍ୱର୍ଗତଃ କୁମାର ଗୌତମ ବାରିକ ସ୍ମୃତି ସମ୍ମାନ - ଅଧାପିକା ପ୍ରଣତି ବେହେରା, ସ୍ୱର୍ଗତଃ ରମେଶ ଚନ୍ଦ୍ର ବେହେରା ସ୍ମୃତି ସମ୍ମାନ - ବାଣୀପୁତ୍ର ସୁବେଦାର ଦେବରାଜ କିଷାନ ସୁଆରପାଲୀ, ମହିଳା ଦିବସ ରେ ଅନନ୍ୟା ପ୍ରତିଭା - ଭିନ୍ନକ୍ଷମ ବର୍ଗରେ ଜାତୀୟ ପାରା ଆଥଲେଟ ଆଶା ସିଂହ, ସିହିଡିଆଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଖଣ୍ଡାଧାର ମହୋତ୍ସବ ର ସର୍ବୋଚ୍ଚ ମର୍ଯ୍ୟାଦା ପୂର୍ଣ୍ଣ ସମ୍ମାନ ଖଣ୍ଡାଧାର ସମ୍ମାନ ଆଚାର୍ଯ୍ୟ ଡ. ବୁଦ୍ଧେଶ୍ୱର ଷଡଙ୍ଗୀଙ୍କୁ ପ୍ରଦାନ କରାଯାଇଥିଲା ।ମହୋତ୍ସବ ରେ ଉଦଘୋଷିକା ଭାବେ ଆକାଶବାଣୀ ରାଉରକେଲାର ଜଣାଶୁଣା ଉଦଘୋଷିକା ଶୁଭଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ । ମହୋତ୍ସବରେ ସଭାପତି ପ୍ରଦୀପ ତ୍ରିପାଠୀ, ସମ୍ପାଦକ ଧିରୋଜ ସାହୁ, କୋଷାଧ୍ୟକ୍ଷ ଚିନ୍ମୟ ତ୍ରିପାଠୀଙ୍କ ସମେତ ଖଗେଶ୍ୱର ବାରିକ, ବିକ୍ରମ ବାରିକ, ଶ୍ତେ ବସନ୍ତ ବିଶ୍ୱାଳ, ଉମେଶ ସାହୁ, ବିରଜା ପ୍ରସାଦ ମହାନ୍ତି, ସିରାଜ ଖାନ, ସୂରଜ ପ୍ରତାପ ମହାନ୍ତି, ହବିବ ଖାନ, ପ୍ରଭାତ ବେହେରା, ଶୁଭ ସଂକେତ ବାରିକ, ଲିଙ୍ଗରାଜ ପ୍ରଧାନ, ରଞ୍ଜିତ ମୁଣ୍ଡା, ଫିରୋଜ ଖାନ, ପ୍ରଭାତ ସ୍ୱାଇଁ, ହରି ଶଙ୍କର ସାହୁ, ଟୁନା ପାତ୍ର ପ୍ରମୁଖ ମହୋତ୍ସବର ସଫଳତା ରେ ପ୍ରମୁଖ ଭାବେ ଅଂଶଗ୍ରହଣ କରିଥିଲେ ।

## ଲାଞ୍ଚ ନେଇ ଧରାପଡ଼ିଲେ ଏଏସ୍ଆଇ

ସୁନ୍ଦରଗଡ଼,(ସବ୍ୟୁ) : ଏକ ବିଦେଶୀ ମଦ ଜବତ ମାମଲାରେ ସୁରକ୍ଷା ଦେବା ପାଇଁ ଜଣେ ଢ଼ାବା ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପୁଲିସ ଅଧିକାରୀ ତଥା ବଡ଼ଗାଁ ଥାନା ଏଏସ୍ଆଇ ଅରୁପାନନ୍ଦ ଦାଶ ଗିରଫ ହୋଇଛନ୍ତି। ସେ ଗୁରୁବାର ବଡ଼ଗାଁ ଅଞ୍ଚଳର ରଂଜନ ଦାଶଙ୍କ ଠାରୁ ଲାଞ୍ଚ ନେଉଥିଲେ। ରଂଜନ କଲେଜ ନିଟକ ଅଣ୍ଡରପାସରେ ଏକ ଢାବା ଖୋଲିଛନ୍ତି। ହୋଲି ସମୟରେ ପୁଲିସ ଢାବାରେ ଚଢ଼ଉ କରି କିଛି ବିଦେଶୀ ମଦ ଧରିଥିଲା। ଏହି ମାମଲାରେ ପୁଲିସ ତରଫରୁ ସୁରକ୍ଷା ଦେବା ଓ ଚୋରା ମଦ ବିକିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ କହି ପୁଲିସ ଅଧିକାରୀ ଶ୍ରୀ ଦାଶ ରଂଜନଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରଂଜନ ଏ କଥାରେ ରାଜି ହୋଇ ନଥିଲେ। ଏହା ପରେ ପୁଲିସ ବାବୁ ମଦ ମାମଲାରେ ଗିରଫ କରିବେ ବୋଲି ଧମକ ଦେଇଥିଲେ। ଶେଷକୁ ଅନ୍ୟ ଉପାୟ ନପାଇ ରଂଜନ ରାଉରକେଲା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏକ ମାମଲା ରୁଜୁ କରି ପୁଲିସ ଅଧିକାରୀଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଗୁରୁବାର ଅପରାହ୍ନରେ ରଂଜନ ବଡ଼ଗାଁ ବସଷ୍ଟାଣ୍ଡ ନିକଟ ଏକ ପାନ ଦୋକାନ ଆଗରେ ଏଏସ୍ଆଇ ଶ୍ରୀ ଦାଶଙ୍କୁ ରାସାୟନିକ ରଙ୍ଗବୋଳା ୨୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଛକିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲା। ଏହା ପରେ ଥାନାକୁ ଯାଇ ବାବୁଙ୍କ କକ୍ଷରେ ଯାଞ୍ଚ କରିବା ପରେ ତାଙ୍କୁ ଗିରଫ କରି ରାଉରକେଲା ନେଇଥିବା ସୂଚନା ମିଳିଛି। ଅନ୍ୟପଟେ ମାମଲାରେ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ଚଢ଼ଉରେ ରାଉରକେଲା ଭିଜିଲାନ୍ସ ଡିଏସପି ରଶ୍ମିତା ଲାକ୍ରାଙ୍କ ନେତୃତ୍ୱରେ ନିରୀକ୍ଷକ ଶିବ ନାରାୟଣ ଭଦ୍ର, ଲକ୍ଷ୍ମୀକାନ୍ତ ପ୍ରଧାନ, ମାନସ ରଞ୍ଜନ ଭୋଇ ଓ ସୁନିତା ଓରାମ ସାମିଲ ଥିଲେ। ଭିଜିଲାନ୍ସ ବିଭାଗ ପୁଲିସ ଅଧିକାରୀଙ୍କ ନିକଟରୁ ନଗଦ ୩ଲକ୍ଷ ୩୧ ହଜାର ଜବତ କରିଛି। ଏଥି ସହିତ ଶ୍ରୀ ଦାଶଙ୍କ ଠିକଣାରୁ ଭିଏତନାମ ଏବଂ ନେପାଳର ମୁଦ୍ରା ମଧ୍ୟ ଜବତ ହୋଇଛି। ଭିଜିଲାନ୍ସ ବିଭାଗ ଶ୍ରୀ ଦାଶଙ୍କ ୪ଟି ଠିକଣାରେ ଚଢ଼ଉ ଜାରି ରଖିଛି।

## ଘଣ୍ଟାପଡ଼ା ଶିଶୁ ମନ୍ଦିରର ନୂତନ ପରିଚାଳନା ସମିତି ଗଠିତ

କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତିଙ୍କ ନିର୍ଦ୍ଦେଶକ୍ରମେ ନୂତନ ପରିଚାଳନା ସମିତି ଗଠିତ ହୋଇଯାଇଛି।ପୂର୍ବ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଗସ୍ତୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଅଭିଭାବକ ଅଭିଭାବିକା ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ। ବୈଠକରେ ନିୟମାନୁସାରେ ନୂତନ ସମିତି ଗଠନ ପାଇଁ ଉଦ୍ଦିଷ୍ଟ ଥିବାରୁ ସର୍ବସମ୍ମତି କ୍ରମେ ନୀଳାଚଳ ଭୋଇ ସଭାପତି, ଗୁଣନିଧି କମ୍ପ ଉପସଭାପତି,ସମ୍ପାଦକ ଭାବେ ରଣଜିତ ରଣା, ଯୁଗ୍ମ ସମ୍ପାଦକ- ବଳରାମ ମଲିକ, କୋଷାଧ୍ୟକ୍ଷ- ଅଶୋକ କୁମାର ଦେହୁରୀ ,ସଦସ୍ୟା- ଗୀତାଞ୍ଜଳି ନାଏକ ଓ ସୁଦେଷ୍ଣା ଥନାପତିଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଶିକ୍ଷା ବିକାଶ ପକ୍ଷରୁ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ,ସୁବର୍ଣ୍ଣପୁର ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା,କଣ୍ଟାମାଳ ସଙ୍କୁଳ ପ୍ରମୁଖ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ବିଶି, ଏକ୍ସ ଅଫିସିଓ ମେମ୍ବର ତଥା ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠ୍ ,ଆଚାର୍ଯ୍ୟ ପ୍ରତିନିଧି ବୃନ୍ଦଚକ୍ର ବର୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡା ଭିତ୍ତିଭୂମୀ ନିର୍ମାଣ ପାଇଁ ବିଧାନସଭାରେ କଳିକେଶଙ୍କ ଦାବି

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ଯୁବକ/ଯୁବତୀମାନେ ବିଭିନ୍ନ କ୍ରୀଡାକ୍ଷେତ୍ରରେ ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଉଛନ୍ତି । ତେଣୁ ସେମାନଙ୍କୁ ଆହୁରି ଆଗକୁ ନେବାକୁ କ୍ରୀଡା ଭିତ୍ତିଭୂମୀର ଆବଶ୍ୟକତା ରହିଛି । ସରକାର ଏଥିପାଇଁ ପଦକ୍ଷେପ ନେଉଛନ୍ତି କି ଓ ବଲାଙ୍ଗୀରରେ ଜାତୀୟସ୍ତରୀୟ ହାଫ ମାରାଥନ କରିବେ ବୋଲି ବିଧାନସଭାରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ କ୍ରୀଡା ଓ ଯୁବବ୍ୟାପାର ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି ଯେ,ରାଜ୍ୟସରକାର କ୍ରୀଡା ଭିତ୍ତିଭୂମୀ ନିର୍ମାଣ ପାଇଁ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବଜେଟ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଖପ୍ରାଖୋଲରେ ୧୬କୋଟି ୪୨ଲକ୍ଷ୩୬ ହଜାର ଟଙ୍କା ଓ ପାଟଣାଗଡ଼ ଠାରେ ୧୯କୋଟି୮୬ଲକ୍ଷ ୪୬ ହଜାର ଟଙ୍କାର ଅନୁଦାନରେ ଦୁଇଟି ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି । ଅନ୍ୟ ବ୍ଲକଗୁଡିକରେ ମଧ ଜମି ଖୋଜାଚାଲିଛି । ଏହା ସହିତ ଗ୍ରାମାଞ୍ଚଳରେ ୧୪ଟି ସ୍ଥାନ ଓ ସହରାଞ୍ଚଳରେ ୫ଟି ସ୍ଥାନରେ ରେ ୨୦ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚରେ ଖେଳପଡିଆ ଉନ୍ନତିକରଣ କାମ କରାଯାଇଛି । ବ୍ଲକସ୍ତରୀୟ ଷ୍ଟାଡିୟମରେ ଫୁଟବଲ,କ୍ରିକେଟ, ଅଥେଲେଟିକଟ୍ରାକ, ଭଲିବଲକୋର୍ଟ, ଖୋଖୋ ଓ କବାଡି କୋର୍ଟ, (ବେଡମିଣ୍ଟନ, ଟେବୁଲଟେନିସ, ଯୋଗା, ଜିମ) ପାଇଁ ଇଣ୍ଡୋର ଷ୍ଟାଡିୟମ, କମନ ଫେସିଲିଟି (ଚେଞ୍ଜିଂରୁମ, ୱାସରୁମ), ବାଉଣ୍ଡରିୱାଲ ଓ ଗେଟ ରହିବ ।



ବଲାଙ୍ଗୀର ଆରଏନ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ (ସ୍ପୋର୍ଟସ ହଷ୍ଟେଲ, ସୁଇମିଂପୁଲ, ଫୁଟବଲ ଫିଲ୍ଡ, କ୍ଲେଅଥେଲେଟିକଟ୍ରାକ, ଲନବଲକୋର୍ଟ, ଫେସିଲିଟି ବିଲଡିଂ ଇତ୍ୟାଦି) ବ୍ୟବସ୍ଥା କରାଯାଇଥିବା ବେଳେ କଣ୍ଟାବାଞ୍ଜି ଏନଏସିରେ ୭କୋଟି୫୭ଲକ୍ଷ ଟଙ୍କା ଓ ତୁଷୁରା ଏନଏସିରେ ୬କୋଟି ୩୫ଲକ୍ଷ ୩୧ ହଜାର ଟଙ୍କାର ଅନୁଦାନରେ ମଲଟିପର୍ପୋସ ଇଣ୍ଡୋରଷ୍ଟାଡିୟମ ଚାଲୁରହିଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ଉତ୍ତର ରଖିଛନ୍ତି । ତେବେ ଚଳିତବର୍ଷ ବଲାଙ୍ଗୀର ଜିଲ୍ଲାରେ ଜାତୀୟସ୍ତରୀୟ ହାଫମାରାଥନ କରାଇବାର କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି ।

ଠିକ ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ଗୁଡିକର ବିଲଡିଂ ନିର୍ମାଣ ନେଇ ଗଣ ଶିକ୍ଷାମନ୍ତ୍ରୀ ବିଭାଗକୁ ହୋଇଥିବା କଳିକେଶଙ୍କର ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ଯେ,ଟିଟିଲାଗଡରେ ରେଳବିଭାଗ ପକ୍ଷରୁ ୮ଏକର ଜମି ହସ୍ତାନ୍ତର ପ୍ରକ୍ରୀୟାଚାଲିଛି ଓ ପ୍ରଥମପର୍ଯ୍ୟାୟରେ ୨୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି । ଠିକ ସେହିପରି ପାଟଣାଗଡରେ ୧୦ଏକର ଜମି ଚିହ୍ନଟ କରାଯାଇ ହସ୍ତାନ୍ତର ପ୍ରକ୍ରିୟାଚାଲିଛି ଓ ସିପିଡବ୍ଲୁଡି ବିଭାଗକୁ ଡିଡିଆର ମଗାଯାଇଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି । ସେହିପରି ବଲାଙ୍ଗିର ଜିଲ୍ଲାର ଦିବ୍ୟାଙ୍ଗଜନଙ୍କ ଭତ୍ତାପ୍ରସଙ୍ଗରେ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗକୁ କରାଯାଇଥିବା ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣ୍ଡ ଉତ୍ତର ରଖିଛନ୍ତି ଯେ, ବଲାଙ୍ଗୀର ଜିଲ୍ଲାରେ ୮୦ବର୍ଷରୁ ଉର୍ଦ୍ଧ୍ୱ ୨୯୮ଜଣ ଙ୍କର ଆବେଦନ ଆସିଥିଲା ସେଥିରୁ୨୦ଜଣଙ୍କର ଭତ୍ତା ମଞ୍ଜୁର ହୋଇଛି । ଠିକସେହିପରି ୮୦% ରୁ ଅଧିକ ଦିବ୍ୟାଙ୍ଗ ଥିବା ୬୧୧ ଜଣଙ୍କର ଆବେଦନ ଆସିଥିଲା ଓ ସେଥିରୁ ୩୮୪ ଜଣଙ୍କର ଭତ୍ତା ମଞ୍ଜୁର ହୋଇଥିବା ଉତ୍ତର ମିଳିଛି ।

## କଫ୍ ସିରଫ ବ୍ୟବସାୟ ଉପରେ ପୋଲିସର ଚଢାଉ,ଦୁଇ ଗିରଫ

ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ସୁକିଲି ପାହାଡ଼ ନିକଟରେ ଅବୈଧ ଭାବେ ମିଶ୍ରିତ କଫ୍ ସିରଫ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପୋଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ, ଚନ୍ଦନଭାଟି ଗ୍ରାମର ତୋଷାମଣି ସେଠ (୨୮) ଓ ବେଣୁଧର ବାରିକ (୩୦) ସୁକିଲି ପାହାଡ଼ ନିକଟରେ ଅବୈଧ ଭାବେ ମିଶ୍ରିତ ଇସ୍କଫ୍ କଫ୍ ସିରଫ ବିକ୍ରି କରୁଥିବା ଜଗଦଲପୁର ଥାନାର ଏ.ଏସ.ଆଇ ଶାନ୍ତନୁ କୁମାର ନାୟକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ସେ ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ । ଚଢାଉ ସମୟରେ ଅଭିଯୁକ୍ତ ମାନଙ୍କ ଠାରୁ ପ୍ରାୟ ୧୦ ଲିଟର ମିଶ୍ରିତ କଫ୍ ସିରଫ ଭରା ପ୍ଲାଷ୍ଟିକ ଜାରିକେନ, ୧୦୦ ମି.ଲି. ଥିବା ୬୪ଟି ଇସ୍କଫ୍ କଫ୍ ସିରଫ ବୋତଲ, ୧୦ଟି ବ୍ୟବହୃତ ପ୍ଲାଷ୍ଟିକ ଗ୍ଲାସ, ଟାବଲେଟର ୩ଟି ଷ୍ଟ୍ରିପ, ସ୍କୁଟି , ୩୭୧ ଟଙ୍କା ନଗଦ ଓ ୩ଟି ମୋବାଇଲ ଫୋନ ଜବତ କରିଥିଲେ। ଏହି ଘଟଣାରେ ଜଗଦଲପୁର ଥାନାରେ କେସ୍ ନଂ ୪୩/୨୬ ଅନୁଯାୟୀ ଧାରା ୨୭୬/ ୨୭୭/୧୧୧(୨)(ବି)/୩(୫) ବିଏନଏସ ଅଧୀନରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି ।

## ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଦମ୍ପତି



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପ୍ରଶାସନର ପ୍ରୟାସ ଯୋଗୁଁ ୫ଜଣ ଶିଶୁଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ରକ୍ମଣୀ ଲାଠ୍ ବାଲ ନିକେତନର ଏହି ଶିଶୁ ମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଦମ୍ପତି ମାନେ ଗ୍ରହଣ କରିଛନ୍ତି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୁକ୍ରବାର ଆନୁଷ୍ଠାନିକ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ଆଦେଶନାମା ଜାରି କରିବା ସହ ଏହି ଶିଶୁ ମାନଙ୍କୁ ସେମାନଙ୍କର ନୂତନ ପରିବାକୁ ହସ୍ତାନ୍ତର କରିଛନ୍ତି । ଏହି ପୋଷ୍ୟ ସନ୍ତାନ ମଧ୍ୟରୁ ୩ଟି ପରିବାର ପଶ୍ଚିମବଙ୍ଗ ଓ ୧ଟି ପରିବାର ୟୁଏସ୍‌ର ବୋଲି ଜଣାପଡିଛି । ଏହି ପ୍ରକିୟାରେ ଦୁଇ ଜଣ ଉଭଣୀଙ୍କୁ ଏକାଠି ଗୋଟିଏ ପରିବାରକୁ ହସ୍ତାନ୍ତର କରାଯାଇଛି । ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**WANTED**

Applications are invited from eligible candidates for the following post in K.M.Degree College, Tukla, Dist.: Nuapada

- **LECTURER IN EDUCATION,** Quali.: MA in Education with minimum 55%, • **DEMONSTRATOR IN EDUCATION,** Quali.: BA with Education Honours.

Application should reach by post to the undersigned within **15 days** from the publication of this advertisement. The post are on self financing mode.

**Principal -cum- Secretary**
**K.M.Degree College,Tukla Dist- Nuapada**

## ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନ



ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା ସ୍ଥିତ ଏକ ହୋଟେଲରେ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନର ସାମ୍ବାଦିକ ସମ୍ମୀଳନୀ ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠିଙ୍କ ଅଧକ୍ଷତାରେ ହୋଇଥିଲା । ଏଥିରେ ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲଙ୍କ ଶୁଣାଣୀ ଆସନ୍ତା ୧୪ ମାର୍ଚ୍ଚ ୨୦୨୬ ଦିନ ଛତିଶଗଡର ରାୟପୁରରେ ଅନୁଷ୍ଠିତ ହୋଇ ଯାଉଛି । ଏହା ଟ୍ରିବୁନାଲଙ୍କ ୪୩ ତମ ଶୁଣାଣି ହେବଛ ଏହା ପୂର୍ବରୁ ୨୬ଫେବଆରୀ ଠାରୁ ୨ମାର୍ଚ୍ଚ ପର୍ଯ୍ୟନ୍ତ ଟ୍ରିବୁନାଲଙ୍କ ଏକ ୭ ଜଣିଆ ଦଳ ଅନୁଧାନ ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଯାହା ଗସ୍ତର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ଭିତରେ ପାର୍ଥକ୍ୟ ରହିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ତ୍ତମାନ ଟ୍ରିବୁନାଲଙ୍କ ଗସ୍ତ ଛତ୍ତିଶଗଡ ରାଜ୍ୟରେ ରହିଥିବାଜଣାପଡିଛି। ଏଣୁ ଆସନ୍ତା ୧୩ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଟ୍ରିବୁନାଲଙ୍କ କାର୍ଯ୍ୟକାଳ ରହିଛି । ଏହି ଆଠବର୍ଷ ଭିତରେ ଟ୍ରିବୁନାଲ ମହାନଦୀ ଜଳର ସଂକଟକୁ ନେଇ ବାସ୍ତବ ଅଧ୍ୟୟନ କରିଥିବା ସନ୍ଦେହ ସୃଷ୍ଟି କରୁଛି । ଆଉ ଏକ ମାସ ମଧ୍ୟରେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ହେବା ସନ୍ଦେହ ସୃଷ୍ଟି ହେଉଛି । ରାଜ୍ୟରେ ମହାନଦୀ ଜଳସଙ୍କଟ ଏବଂ ବିବାଦକୁ ନେଇ ପୁଣି ଥରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୬ ଠାରୁ ଆରମ୍ଭ ହୋଇଥିବା ଉକ୍ତ ବିବାଦ୧୦ ବର୍ଷ ପୁରିଲା ଅଥଚ ସମାଧାନର ପନ୍ଥା ବାହାରି ପାରିଲାନାହିଁ । ଜନତାଙ୍କ ସ୍ୱର ଚାପରେ ମହାନଦୀ ଜଳ ବିବାଦ ଟ୍ରିବୁନାଲ ଗଠନ ହୋଇଛି। କିନ୍ତୁ ଗଠିତ ଟ୍ରିବୁନାଲ ବର୍ତ୍ତମାନ ପର୍ଯ୍ୟନ୍ତ ଜଳବିବାଦ ସମାଧାନର କୌଣସି ସୂତ୍ର ବାହାର କରିପାରିନାହାନ୍ତି। ଅନ୍ୟ ପକ୍ଷରେ ଦୁଇ ବର୍ଷ ହେବ ଓଡ଼ିଶା ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି ନେତୃତ୍ୱରେ ଟ୍ରୀପଲ ଇଞ୍ଜିନ ସରକାର ଗଠନ ହୋଇସାରିଛି । ଦୁଇ ରାଜ୍ୟରେ ସମାନ ଦଳର ସରକାର ଥିବାରୁ ଦୋଷାରୋପ ରାଜନୀତି ବନ୍ଦ ହୋଇ ଏହାର ସମାଧାନ ପାଇଁ ରାଜ୍ୟ ସରକାର ବଡ଼ ମଧୁର ଭାଷା କହୁଥିଲେ ମଧ ସମାଧାନ ଦିଗରେ କୌଣସି ବାସ୍ତବ ଯୋଜନ ନାହିଁ। ଅନ୍ୟ ପକ୍ଷରେ ସରକାର ମହାନଦୀ ଜଳସଂକଟର ବାସ୍ତବ ଦିଗକୁ ମଧ ଯିବା ପାଇଁ ଚାହୁଁ ନ ଥିବାର ପ୍ରକାଶ ପାଇଥିଲା। ମହାନଦୀ ପରିପେକ୍ଷୀରେ ଦୁଇବର୍ଷ ତଳେ ଯାହା ଜଳର ସଂକଟ ଥିଲା ବର୍ତ୍ତମାନ ଆହୁରି ଅଧିକ ଘନୀଭୁତ ହେଉଥିବାର ଦେଖା ଗଲାଣି । ଏଣୁ ଜଳସଂକଟ ସହ ଅନେକ ସମସ୍ୟାକୁ ନେଇ ଜନସଚେତନର ଚର୍ଚ୍ଚା ସହ ବାର୍ତ୍ତା ସାମ୍ବାଦିକ ସମ୍ମିଳନୀରେ ଶୁଣାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ସୁଦର୍ଶନ ଛୋଟରାୟଙ୍କ ସମେତ ବହୁ କର୍ମକର୍ତ୍ତା ,ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ ।

